

ଓଡ଼ିଶାର୍ ପ୍ରଥମ ଏବଂ ଏକମାତ୍ର ସମ୍ପୂର୍ଣ୍ଣ ଓଡ଼ିଆରେ ପ୍ରକାଶିତ ମାସିକ ସାହିତ୍ୟ ଇ-ପତ୍ରିକା

# ଆହ୍ୱାନ

୫

ଅଗଷ୍ଟ ୨୦୧୫ ସଂସ୍କରଣ

ଅସହାୟ

ସବୁ ତୁମରି ପାଇଁ

ଗଣିତ

ବେଦରଦୀ ପ୍ରେମ

ନିଶା

କାଷ୍ଟିଙ୍ଗ କାଉଚ୍

ମନେ ପଡ଼େ

ପୁରୁଣା ସୁନା

ଅନାମିକା

ଟିକି ଚଢ଼େଇ

ଆମ ଗାଁରେ ବର୍ଷା

ଆଲିଏନ

ପତ୍ରଝଡ଼ାର ଦିନ

ବ୍ୟସ୍ତତା ଭିତରେ ଦିନଟିଏ

ବିକଳାଙ୍ଗତା ଅଭିଶାପ ନୁହେଁ

# ଆହ୍ୱାନ

ଓଡ଼ିଶାରୁ ପ୍ରକାଶିତ ପ୍ରଥମ ଏବଂ ଏକମାତ୍ର ମାସିକ ସାହିତ୍ୟ ଇ-ପତ୍ରିକା

ପ୍ରତିଷ୍ଠାତା - ସମ୍ପାଦକ

## ଡା ଜ୍ୟୋତି ପ୍ରସାଦ ପଟ୍ଟନାୟକ

ଏମ୍.ବି.ବି.ଏସ୍., ପି.ଜି.ଡ଼ି,ଏମ୍.ସି.ଏଚ୍, ପି.ଜି.ଡ଼ି.ଏଚ୍.ଏମ୍

ବୀମା ନଗର, ଦ୍ୱିତୀୟ ଗଳି, ବ୍ରହ୍ମପୁର, ୭୬୦୦୧୦, ଓଡ଼ିଶା

ଫୋନ୍ : ୯୦୪୦୯୮୫୪୬୩ ଇ-ମେଲ୍ : aahwaan@gmail.com

‘ଆହ୍ୱାନ’ରେ ପୂର୍ଣ୍ଣତଃ ମୌଳକ, ଅପ୍ରକାଶିତ ଲେଖାଗୁଡ଼ିକୁ ହିଁ କପିରାଇଟର ବ୍ୟବସ୍ଥାରେ ଚୟନ କରାଯାଏ । କୌଣସି ବେନାମୀ ଲେଖା ଉପରେ ଆମର କୌଣସି କର୍ତ୍ତବ୍ୟ / ଦାୟିତ୍ୱ ରହବ ନାହିଁ, ଯେତେବେଳଯାଏଁ କୌଣସି ସୂଚନା କମ୍ବା ନର୍ଦ୍ଦେଶ ଦଆଯାଇନାହିଁ । ଲେଖାରେ ଦଆଯାଇଥିବା ବଚାର ଲେଖକଙ୍କର ସମ୍ପୂର୍ଣ୍ଣ ନଜସ୍ୱ, ତାହା ଉପରେ ସମ୍ପାଦକ କମ୍ବା ପ୍ରକାଶକଙ୍କ ସହମତ ରହବ ବୋଲ କୌଣସି ଲଖିତ ନୟମ ନାହିଁ । ଯଦଓ ସମ୍ପାଦକ ସବୁ ଲେଖାକୁ ଭଲଭବରେ ପଢ଼ିବା ଏବଂ ବୁଝିବା ପରେ ହିଁ ପ୍ରକାଶିତ କରଥାନ୍ତ । ତଥାପି ଲେଖାର ଶତପ୍ରତଶତ ସତ୍ୟତାର ଦାବୀ କେବଳ ଲେଖକଙ୍କର । କୌଣସି ଲେଖାକୁ ନେଇ ଉଠିଥିବା ବବାଦର ଉତ୍ତରଦାୟିତ୍ୱ କେବଳ ଲେଖାର ମୂଳ ଲେଖକଙ୍କର, ଏଥିରେ ସମ୍ପାଦକ କମ୍ବା ପତ୍ରକାର କୌଣସି ଉତ୍ତରଦାୟିତ୍ୱ ନାହିଁ ।

ଏହ ପତ୍ରକାର କୌଣସି ଅଂଶ ବା ଲେଖା ସମ୍ପାଦକଙ୍କ ଲଖିତ ଅନୁମତ ବନା ଅନ୍ୟ କୌଣସି ମାଧ୍ୟମ (ପତ୍ର ପତ୍ରକା / ଗଣ ମାଧ୍ୟମ / ସମ୍ବାଦପତ୍ର ଇତ୍ୟାଦ)ରେ ପ୍ରକାଶିତ କରବା ଏକ ଅପରାଧ । ଦୟାକର ଏହ ବଷୟ ପ୍ରତ ବଶେଷ ଧ୍ୟାନ ଦେବେ । ଲେଖକମାନେ ଚାହିଁଲେ ନଜ ଲେଖାର ପ୍ରଚାର ହେତୁ ସେମାନଙ୍କ ଲେଖା ପ୍ରକାଶିତ ହୋଇଥିବା ପୃଷ୍ଠାମାନଙ୍କ ପ୍ରତଛବ ଗଣମାଧ୍ୟମରେ / ଇଣ୍ଟରନେଟରେ ଦେଇ ପାରବେ ।

# ସମ୍ପାଦକୀୟ

ଡା ଜ୍ୟୋତ ପ୍ରସାଦ ପଟ୍ଟନାୟକ



ଆଜ ଗୋଟାଏ ଅଦ୍ଭୂତ ଖବର ପଢ଼ିଲ, ସରକାର କାଳେ ବ୍ୟବସ୍ଥା କରଛନ୍ତ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ପିଲ୍ମାନଙ୍କୁ ଆଉ ଫେଲ୍ କରବେ ନାହିଁ । ଅବଶ୍ୟ ଏହା କଛ ବର୍ଷ ହେଲ୍ ଲ୍ଗୁ ହୋଇଥିବା କଥା ସମସ୍ତେ ଉଣାଅଧିକେ ଜାଣିଥିବେ । ହେଲେ ଏମିତ ଏକ ବ୍ୟବସ୍ଥାର ଆବଶ୍ୟକତା କଣ ? ଏହାଦ୍ୱାର୍ ଲ୍ଭ କଣ ହେବ ? ଯେଉଁମାନେ ନୀତ ନର୍ମାଣରେ ସହାୟତା କରୁଛନ୍ତ ହୁଏତ ସେମାନେ ଏହ ବଷୟରେ ଭଲ କର କହପାରବେ । ଏହାର ଭଲମନ୍ଦ ଏପର ଦୁଇଟି ଦଗପ୍ରତ ଦୃଷ୍ଟି ଦେବାର ସମୟ ଆସିଛ ।

ବଗତ ଅନେକ ଦଶନ୍ଧିରେ ଅଧିକାଂଶ ସରକାରୀ ବଦ୍ୟାଳୟରେ ପିଲ୍ମାନଙ୍କ ଉପସ୍ଥାନ କମ ହେବାରେ ଲ୍ଗିଲ୍ । ଏହାର କାରଣ ଅନେକ । ଗରୀବ ଓ ଖଟିଖିଆଙ୍କ ପିଲ୍ମାନେ ପାଠ ଅପେକ୍ଷା କାମ କରବାକୁ ଅଧିକ ଶ୍ରେୟ ଦେଲେ । ଏମିତ ପରବାର ବ ଥିଲ୍ ଯେଉଁଠି ଏହ ପିଲ୍ମାନଙ୍କୁ କାମରେ ନ ପଠାଇଲେ ଦୁଇଓଳର ଖାଇବା ମିଳବା ବ କଷ୍ଟକର ହୋଇଗଲ୍ । ଆଉ ଅନ୍ୟ ଦଗରେ ଦେଖିଲେ ସରକାରୀ ବଦ୍ୟାଳୟ ମାନଙ୍କରେ ପାଠ ପଢ଼ାର ମାନ କେତେ ଭଲ ବା ମନ୍ଦ ତାହା ସମସ୍ତେ ଜାଣିଲେ । ଅଧିକାଂଶ ସମୟ ଏହ ବଦ୍ୟାଳୟର ଶିକ୍ଷକମାନେ ଜନସଂଖ୍ୟା କାମ, ଆଧାର କାର୍ଡ଼, ଭୋଟର କାର୍ଡ଼ ଆଦ କାମରେ ଲ୍ଗି ରହବା ହେତୁ ସେମାନେ ଶିକ୍ଷାଦାନ ଦେବାପାଇଁ ମନ ଉଣା କଲେ । ଆଉ ସେମାନଙ୍କ ଅଭ୍ବ ଦୂର କରବାପାଇଁ ସରକାର ଯେଉଁ ସବୁ ଗଣ ଶିକ୍ଷକ ଓ ଶିକ୍ଷା ସହାୟକ ସୃଷ୍ଟିକଲେ ସେଇ ପଦବୀରେ ରହୁଥିବା ବ୍ୟକ୍ତିମାନେ ଶିକ୍ଷକତାକୁ ଏତେ ଗମ୍ଭୀରତାର ସହ ନେଲେ ନାହିଁ । ତେଣୁ ସରକାରୀ ବଦ୍ୟାଳୟମାନଙ୍କରେ ଶିକ୍ଷାଦାନ ବସ୍ତୁତଃ ବାଧାପ୍ରାପ୍ତ ହେଲ୍ । ସରକାର ଯେବେଠାରୁ ଷଷ୍ଠ

ବେତନ କମିସନ ଅନୁସାରେ ଶିକ୍ଷକମାନଙ୍କୁ ଦରମା ପ୍ରଦାନ କଲେ ସେବେଠାରୁ ଶିକ୍ଷକ ଚାକିରୀ ପ୍ରତି ଲୋକଙ୍କ ସ୍ପୃହା ବଢ଼ିଲା ସିନା ହେଲେ ଶିକ୍ଷାଦାନ ସେହି ପରିମାଣରେ ଭଲ ହେଲାନାହିଁ । ପ୍ରତିବର୍ଷ ମ୍ୟାଟ୍ରିକ୍ ପରୀକ୍ଷାରେ ବାହାରୁଥିବା ଫଳରୁ ଜାଣିପାରିବେ ଯେ ସରକାରୀ ବିଦ୍ୟାଳୟ ମାନଙ୍କରେ ଏତେ କମ୍ ଫଳ କାହିଁକି ଆସେ । ଏହି ସବୁ କାରଣରୁ ଲୋକମାନେ ସରକାରୀ ବିଦ୍ୟାଳୟ ଉପରେ ଆଉ ନିର୍ଭରଶୀଳ ହୋଇ ରହିଲେ ନାହିଁ । ଯେଉଁମାନେ ପାରିଲେ ସେମାନେ ନିଜ ପିଲାଙ୍କୁ ବେସରକାରୀ ବିଦ୍ୟାଳୟରେ ନେଇ ପଢ଼ାଇଲେ, ଆଉ ଯେଉଁମାନେ ରହିଲେ ସେମାନେ ବିଦ୍ୟାଳୟ ପିଣ୍ଡା ମାଡ଼ିଲେ ନାହିଁ ।

ଛାତ୍ରଛାତ୍ରୀଙ୍କୁ କେମିତି ବିଦ୍ୟାଳୟ ପ୍ରତି ଆକର୍ଷିତ କରାଯିବ ବୋଲି ଅନେକ ଯୋଜନା ହାତକୁ ନିଆଯାଇଥିଲା, ସେଥିମଧ୍ୟରେ ପ୍ରମୁଖ ଥିଲା ମଧ୍ୟାହ୍ନ ଭୋଜନ ଯୋଜନା । ଏହା ଦ୍ୱାରା କିଛି ଦିନପାଇଁ ଅବଶ୍ୟ ଉପସ୍ଥାନ ଖାତାରେ ଛାତ୍ରଛାତ୍ରୀଙ୍କ ସଂଖ୍ୟା ବଢ଼ିଲା କିନ୍ତୁ ପରେ ପରେ ଏହାକୁ ନେଇ ଅନେକ ଖବର ବାହାରିଲା । କେଉଁଠି ମଧ୍ୟାହ୍ନ ଭୋଜନରେ ଖାଦ୍ୟ ନିମ୍ନମାନର ଥିଲା ତ କେଉଁଠି ଛାତ୍ରଛାତ୍ରୀ ନଥାଇ ମଧ୍ୟ ମଧ୍ୟାହ୍ନ ଭୋଜନ ଚାଉଳ ଡାଲି ଆଦି ବାହାରେ ବିକ୍ରୟ କରାଗଲା । ଧିରେ ଧିରେ ଜଣାପଡ଼ିଲା ଯେ ଏହାଦ୍ୱାରା ଯଦିଓ ଗ୍ରାମାଞ୍ଚଳରେ ରହୁଥିବା ଛାତ୍ରଛାତ୍ରୀଙ୍କୁ ଗୋଟିଏ ଓଳି ପୁଷ୍ଟିକର ଖାଦ୍ୟ ଦିଆଯାଇ ପାରିଲା, କିନ୍ତୁ ବିଦ୍ୟାଳୟରେ ଉପସ୍ଥାନ ବଢ଼ିଲା ନାହିଁ । ତେଣୁ ହୁଏତ ସରକାର ପିଲାମାନଙ୍କୁ ଉତ୍ସାହିତ କରିବାପାଇଁ ଏହି ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ପାସ କରିଦେବା ବ୍ୟବସ୍ଥା କରିଥିବେ ।

ବର୍ତ୍ତମାନ କଥା ଉଠୁଛି, ଯଦି ସରକାର ସବୁ ଛାତ୍ରଛାତ୍ରୀଙ୍କୁ ଅଷ୍ଟମ ଶ୍ରେଣୀ ଯାଏଁ ଉତ୍ତୀର୍ଣ୍ଣ କରିଦେବା ପାଇଁ ବିଧିବଦ୍ଧ ଘୋଷଣା କରିଦେଇଛନ୍ତି ତା ହେଲେ କିଏ କାହିଁକି ପାଠ ପଢ଼ିବ । ବିନା ପରୀକ୍ଷାରେ ଯଦି ଜଣେ ଉତ୍ତୀର୍ଣ୍ଣ ହେବ, ତ ସେ କାହିଁକି ଆଉ ପାଠରେ ମନ ଦେବ ? ଯେଉଁ ପରିବାରରେ ଶିକ୍ଷିତ ପିତାମାତା ଥିବେ ହୁଏତ ସେମାନେ ନିଜ ପିଲାଙ୍କ ଭବିଷ୍ୟତ ଚିନ୍ତା କରି ସେମାନଙ୍କୁ ଘରେ ହେଉ ଅବା ଅତିରିକ୍ତ ଟ୍ୟୁସନ ବ୍ୟବସ୍ଥା କରି ପଢ଼ାଇବେ, ହେଲେ ଅଧିକାଂଶ ସାଧାରଣ ପିଲା ଏହି ବ୍ୟବସ୍ଥାକୁ ନେଇ ପାଠପଢ଼ା ପ୍ରତି ବିମୁଖ ହେବେ ହିଁ । ଅବସ୍ଥା ଏମିତି ବି ହୋଇପାରେ ଯେ ଅଷ୍ଟମ ଶ୍ରେଣୀ ଉତ୍ତୀର୍ଣ୍ଣ ହୋଇଥିବା ଛାତ୍ରଛାତ୍ରୀମାନେ ନିଜର ନାମ ଲେଖିବାକୁ ଅସମର୍ଥ ହୋଇପାରନ୍ତି ।

କିଛି ବର୍ଷତଳେ ସମ୍ବାଦଭିତ୍ତିକ ଏକ ଟେଲିଭିଜନ୍ ଚ୍ୟାନେଲରେ ଦେଖାଯାଇଥିଲା ଉତ୍ତର ପ୍ରଦେଶ ଓ ବିହାରର କିଛି ବିଦ୍ୟାଳୟର ଦୃଶ୍ୟ, ଯେଉଁଠି ଶିକ୍ଷକ, ଶିକ୍ଷୟିତ୍ରୀମାନେ କଳାପଟାରେ ସପ୍ତାହର ନାଁ ଲେଖି ଜାଣିନଥିଲେ, ଭାରତର ପ୍ରଧାନମନ୍ତ୍ରୀ କିଏ ଜାଣିନଥିଲେ । ଏହି ସବୁ ଶିକ୍ଷକ ଓ ଶିକ୍ଷୟିତ୍ରୀ ବୋଧହୁଏ ଏହି ଅଷ୍ଟମଶ୍ରେଣୀ ପର୍ଯ୍ୟନ୍ତ ଯେନତେନ ପ୍ରକାରେ ଉତ୍ତୀର୍ଣ୍ଣ ହୋଇଥିବା ଗୋଷ୍ଠୀର ହୋଇପାରନ୍ତି ।

ବିଗତ ଶତାବ୍ଦୀର ଶେଷାର୍ଦ୍ଧରେ ଓଡ଼ିଶାର ଅନେକ ବିଦ୍ୟାଳୟରେ ଶିକ୍ଷାଦାନ କରୁଥିବା ଶିକ୍ଷକମାନଙ୍କ ମଧ୍ୟରେ ଆମ ପରିବାରର କିଛି ବୟୋଜ୍ୟେଷ୍ଠ ବ୍ୟକ୍ତିମଧ ଥିଲେ, ସେମାନଙ୍କ ଶିକ୍ଷାଗତ ଯୋଗ୍ୟତା ଥିଲା ମାତ୍ର ସପ୍ତମ ଶ୍ରେଣୀ, ମାତ୍ର ସେମାନେ ବିଦ୍ୟାଳୟରେ ଅତ୍ୟନ୍ତ ସଫଳତାର ସହ ଶିକ୍ଷାଦାନ କରୁଥିଲେ, ଏବଂ ସେମାନଙ୍କ ଠାରୁ ଆମେ ମଧ ଶିକ୍ଷା ଗ୍ରହଣ କରିଛୁ । ସପ୍ତମ ଶ୍ରେଣୀ ପର୍ଯ୍ୟନ୍ତ ପଢ଼ିଥିଲେ ସୁଦ୍ଧା ସେମାନେ ବେଳେ ବେଳେ ନବମ ଓ ଦଶମ ଶ୍ରେଣୀ ଛାତ୍ରଛାତ୍ରୀଙ୍କୁ ପଢ଼ାଇ ପାରୁଥିଲେ । ହେଲେ ବର୍ତ୍ତମାନ ସମୟରେ ଜଣେ ଅଷ୍ଟମ ଶ୍ରେଣୀ ଉତ୍ତୀର୍ଣ୍ଣ ଛାତ୍ର ସେମିତି ସ୍ପର୍ଦ୍ଧା ଦେଖାଇ ପାରିବ କି ?

ଆଉ ଏକ ଦୃଷ୍ଟିକୋଣରୁ ଦେଖିଲେ ଏମିତି ବି ହୋଇପାରେ, ନବମ ଶ୍ରେଣୀ ଓ ଦଶମ ଶ୍ରେଣୀ ଉଭୟ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ । ଜୀବନସାରା ଆପଣଙ୍କୁ ଦଶମ ଶ୍ରେଣୀ ପରୀକ୍ଷାର ପାସ ପ୍ରତିଶତ ଦରକାର ପଡ଼ିପାରେ । ଯୁକ୍ତ ଦୁଇରେ କଲେଜ ଯିବାପାଇଁ ହେଲେ ଦଶମ ଶ୍ରେଣୀର ମାର୍କ ଅତ୍ୟନ୍ତ ଜରୁରୀ । କିନ୍ତୁ ଯଦି ଜଣେ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ଶିକ୍ଷାକୁ ଜମା ଗୁରୁତ୍ୱ ଦେଇନଥିବ ସେ ନବମ ଓ ଦଶମ ଶ୍ରେଣୀର ବିଷୟ ସବୁକୁ କେମିତି ବୁଝିବ ଆଉ ସେ କେମିତି ଭଲ ଅଙ୍କ ରଖିବ ? ଯେଉଁ ପିତାମାତା ନିଜ ସନ୍ତାନମାନଙ୍କ ଶିକ୍ଷାଦୀକ୍ଷା ବିଷୟରେ ସଚେତନ ସେମାନେ ହୁଏତ ଭଲ ଅଙ୍କ ରଖିବେ କିନ୍ତୁ ଅଧିକାଂଶ ପିଲା ମାଟ୍ରିକ୍ ପରୀକ୍ଷାରେ ଅକୃତକାର୍ଯ୍ୟ ହେବେ ହିଁ ହେବେ । ଏହା ଦ୍ୱାରା ବେକାରୀ ସମସ୍ୟା ବୃଦ୍ଧିପାଇବ ।

ଅବଶ୍ୟ ଦଶମ ଶ୍ରେଣୀ ପରୀକ୍ଷାରେ ମଧ ପାସ ଫେଲ ଅନୁପାତକୁ କମ କରିଦିଆଯାଇଛି । ମାର୍କ ନ ଦିଆଯାଇ ଗ୍ରେଡ୍ ଦିଆଯାଉଛି । କେହି ବି ଫେଲ୍ ହେଉନାହାନ୍ତି ବୋଲି ଶୁଣିବାକୁ ମିଳୁଛି । ଏମିତି ପରିସ୍ଥିତିରେ ଆମ ଶିକ୍ଷା ବ୍ୟବସ୍ଥା ବିଶ୍ୱସ୍ତରୀୟ ବୋଲି ଦାବୀ କରିବା କେମିତି ? ଅତୀତରେ ଆମ

ଦେଶରେ ଶିକ୍ଷିତ ଡାକ୍ତର, ଇଞ୍ଜିନିୟର ମାନଙ୍କର ଗୃହଦା ବିଶ୍ୱସ୍ତରୀୟ ଥିବା ବେଳେ ଆଗାମୀ ଦିନରେ ଏହା କିଣ ହେବ, ଏହା ସହଜରେ ଅନୁମେୟ ।

ଏହି ସବୁ ବ୍ୟବସ୍ଥା ଦ୍ୱାରା ଆମ ସରକାରରେ ଥିବା ନେତୃସ୍ଥାନୀୟ ବୁଦ୍ଧିଜୀବିମାନେ କେଉଁ ପ୍ରକାରର ସମାଜ ସୃଷ୍ଟି କରିବାକୁ ଚାହୁଁଛନ୍ତି ? ଯେଉଁଠି ଶିକ୍ଷାକୁ କେହି ଗୁରୁତ୍ୱ ଦେବେନାହିଁ ? ସମସ୍ତେ ଦୟାର ପାତ୍ର ହୋଇଥିବେ ? ସରକାର ପ୍ରଥମେ ପଞ୍ଚମ ଶ୍ରେଣୀ ଯାଏଁ ବିନା ପରୀକ୍ଷାରେ ପାସ କରିବା ବ୍ୟବସ୍ଥା କରିଥିଲେ, ଏବେ ଅଷ୍ଟମ, ଆଗକୁ ଦଶମ ଶ୍ରେଣୀ ପର୍ଯ୍ୟନ୍ତ ବି କରିଦେବେ ବୋଧହୁଏ ।

ଏହା ଦ୍ୱାରା ସମାଜରେ ଏକ ବିରାଟ ବିଭାଜନ ଦେଖାଦେବ । ଯେଉଁ ଛାତ୍ରଛାତ୍ରୀ ବେସରକାରୀ ବିଦ୍ୟାଳୟ ମାନଙ୍କରେ ପଢ଼ିବେ ସେମାନେ ଶିକ୍ଷାପ୍ରତି ଯେତେ ସଚେତନ ହେବେ, ସେହି ତୁଳନାରେ ସରକାରୀ ବିଦ୍ୟାଳୟରେ ପଢୁଥିବା ଛାତ୍ରଛାତ୍ରୀ ହେବେ ନାହିଁ । ଯେହେତୁ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ କେହି ଫେଲ୍ ହେବେ ନାହିଁ ବୋଲି ସରକାର କହୁଛନ୍ତି, ତେଣୁ ସେହି ଶ୍ରେଣୀ ପର୍ଯ୍ୟନ୍ତ ପାଠ ପଢ଼ାଉଥିବା ଶିକ୍ଷକମାନେ ଆଉ ଶିକ୍ଷାଦାନକୁ ଗୁରୁତ୍ୱ ଦେବେନାହିଁ । ପିଲାମାନେ ପଢ଼ିଲେ କି ନ ପଢ଼ିଲେ ସେମାନଙ୍କୁ କେହି କିଛି କହିବେ ନାହିଁ । ତେଣେ ସରକାରଙ୍କ ଷଷ୍ଠ ବେତନ କମିସନ ଅନୁଯାୟୀ ମୋଟା ଅଙ୍କର ଦରମା ପାଇ କର୍ମକୋଢ଼ିଆ ହେବେ କିମ୍ବା ଅନ୍ୟାନ୍ୟ ବିଭିନ୍ନ ଧନ୍ଦାରେ ମୁଣ୍ଡ ଖେଳାଇବେ । ପିଲା ଫେଲ୍ ହେଉଥିଲେ ସିନା କେହି ତାଙ୍କୁ କିଛି କହିବ, ନହେଲେ କିଏ କାହିଁକି ପାଠ ପଢ଼ାଇବା ଚିନ୍ତା କରିବ ।

ଆଗାମୀ ଦିନରେ ସମାଜରେ ଦୁଇପ୍ରକାରର ଲୋକ ଦେଖାଦେବେ । ଉଭୟ ଶିକ୍ଷିତ କିନ୍ତୁ ଅଧା ଭଲଭାବରେ ପାଠ ପଢ଼ିଥିବା ବେଳେ ଆଉ ଅଧା ଦୟାରେ ପାସ ହୋଇ ଯାଇଥିବା ଲୋକ ହୋଇଥିବେ । ସେମାନଙ୍କ ଚାକିରୀ ସମୟରେ ସମସ୍ୟା ଉପୁଜିବ, ସେମାନେ କୌଣସି ନିଷ୍ପତ୍ତି ନେବାପାଇଁ ସକ୍ଷମ ହେବେ ନାହିଁ । ଏଥିପାଇଁ ଏହି ଅନୁକମ୍ପାମୂଳକ ପାସକରିବା ପଦ୍ଧତିକୁ ବନ୍ଦ କରିବାକୁ ହେବ । ପ୍ରଥମ ଶ୍ରେଣୀରୁ ହିଁ ଛାତ୍ରଛାତ୍ରୀଙ୍କ ମନରେ ପ୍ରତିଯୋଗୀତା ମୂଳକ ମନୋବୃତ୍ତି ସୃଷ୍ଟି କରିବାକୁ ପଡ଼ିବ । ଏହା ଫଳରେ ଆଗାମୀ ଦିନରେ ଆମର ସମାଜରେ ସକ୍ଷମ ବ୍ୟକ୍ତିଙ୍କ ଅଭାବ ରହିବ ନାହିଁ ।

ଓଡ଼ିଶାର ଆରାଧ୍ୟ ମହାପ୍ରଭୁ ଶ୍ରୀ ଜଗନ୍ନାଥଙ୍କ ବିଶ୍ୱପ୍ରସିଦ୍ଧ ରଥଯାତ୍ରା ମହାଡ଼ମ୍ବରରେ ପାଳିତ ହୋଇଯାଇଛି । ଚଳିତ ବର୍ଷ ବିଶ୍ୱର ଅନେକ ଦେଶରେ ରଥଯାତ୍ରା ପାଳିତ ହୋଇଛି ଏବଂ ସେ ସବୁର

ଚତ୍ର ଫେସବୁକ ଆଦ ଅନେକ ସୋସିଆଲ୍ ନେଟୱାର୍କିଂ ସାଇଟ୍‌ରେ ପ୍ରସାର ହୋଇଥିଲା । ଏହା ସବୁକୁ ଦେଖିବା ପରେ ଆମ ଧାର୍ମିକ ଭାବନା କେତେ ବସ୍ତାର ପାଇଲାଣି ତାହା ଭାବ ମନ ଖୁସି ହେଉଥିବା ବେଳେ ଏପର କଛ ଅସମାହତ ପ୍ରଶ୍ନ ବ ଆସୁଛ ଯାହା ମନକୁ ଆନ୍ଦୋଳତ କରୁଛ ।

ସୂଚନା ଓ ପ୍ରଦ୍ୟୋଗିକୀ ବଦ୍ୟାର ପ୍ରସାର ଫଳରେ ବର୍ତ୍ତମାନ ଆମ ବଶ୍ୱର ପ୍ରତ୍ୟେକ ବ୍ୟକ୍ତି ପ୍ରତ୍ୟେକ ବ୍ୟକ୍ତି ସହ ଯୋଗାଯୋଗ କରପାରୁଛନ୍ତ । ଟିଭିରେ ହେଉ ଅବା ରେଡ଼ିଓରେ ବଭିନ୍ନ ଦେଶବଦେଶରେ ଘଟୁଥିବା ଘଟଣା ସବୁକୁ ତତ୍‌କ୍ଷଣାତ ଦେଖିପାରୁଛନ୍ତ । ତେଣୁ ସମଗ୍ର ବଶ୍ୱ ଏକ ଘର ହୋଇଯାଇଛ କହଲେ ଅତ୍ୟୁକ୍ତି ହେବନାହିଁ । ଏବଂ ଏହ ଦୃଷ୍ଟିରୁ ଆମ ବଶ୍ୱ କେତେ ବଶାଳ ତାହା ଆମେ ଜାଣିପାରୁଛେ ।

ଏବେ ଚନ୍ତା କର ଦେଖନ୍ତୁ ୧୨୦୦ ବର୍ଷ ତଳେ ଲୋକମାନେ ବଶ୍ୱ ବଷୟରେ କଣ ଜାଣିଥିବେ ? ସେତେବେଳେ ନଜ ଗାଁ ଛାଡ଼ି ପର ଗାଁକୁ ଗଲେ ବ ବଦେଶ ବୋଲ ଲୋକ କହୁଥିଲେ । ହଁ କଛ ରାଜ୍ୟ ରାଜବଂଶକୁ ନେଇ ଗଢ଼ି ଉଠିଥିଲା, ସେଇଥିପାଇଁ ବଶାଳ କଳଙ୍ଗ ବା ଉତ୍ର ଦେଶ ଥିଲା, ଏବଂ ଏଠାକାର ଲୋକମାନଙ୍କ ପାଇଁ ବଶ୍ୱ ଥିଲା କେବଳ ଏହ ସାମ୍ରାଜ୍ୟ, ଏବଂ ଏହ ସାମ୍ରାଜ୍ୟର ଅଧିପତ ଥିଲେ ଜଗନ୍ନାଥ, କାରଣ ହୁଏତ ସେଇ ସମୟରେ ଲୋକମାନଙ୍କ ପାଇଁ ଜଗତ କେବଳ ଗଙ୍ଗାଠାରୁ ଗୋଦାବରୀ ଯାଏଁ ବ୍ୟପ୍ତ ଏକ ଅଞ୍ଚଳ ଥିଲା । ତେଣୁ ସେଇ ସମୟରେ ଲୋକମାନେ ମହାପ୍ରଭୁଙ୍କୁ ଜଗନ୍ନାଥ ବୋଲ ନାମକରଣ କରଥାଇ ପାରନ୍ତ । ହେଲେ କାଳାନ୍ତରରେ ଲୋକମାନଙ୍କ ଗମନାଗମନ ବଢ଼ିବା ଏବଂ ସାଂସ୍କୃତକ ଆଦାନ ପ୍ରଦାନପରେ ଜଣା ପଡ଼ିଥିବ ଯେ ଏହ ଜଗତ ପ୍ରକୃତରେ କେବେ ବଶାଳ, କନ୍ତୁ ସେତେବେଳକୁ ମହାପ୍ରଭୁଙ୍କ ନାମକୁ ପରବର୍ତ୍ତନ କରବାକୁ ଆଉ ଆବଶ୍ୟକତା ପଡ଼ିନଥିବ, କାରଣ ମହାପ୍ରଭୁଙ୍କ ଉପରେ ଦୃଢ଼ ବଶ୍ୱାସ କରୁଥିବା ନରୀହ ଓଡ଼ିଆ ପରବାରମାନେ ନଶ୍ଚୟ ଭାବେ ଭାବୁଥିବେ ଯେ ମହାପ୍ରଭୁଙ୍କ ପାଇଁ ସବୁ ସମ୍ଭବ, ତେଣୁ ଜଗତ ଯେତେ ବଡ଼ ହେଲେ ବ ଆମ ଠାକୁର ତାଠୁ ବ ବଡ଼ । ସେହ ନ୍ୟାୟରେ ହୁଏତ ଜଗନ୍ନାଥ ନାମକରଣ ହୋଇଥାଇ ପାରେ ବୋଲ ମୁଁ ଭାବେ ।

ପରେ ପରେ ରାଜତନ୍ତ୍ରର ପତନ, ଏବଂ ମରହଟ୍ଟା ଓ ମୋଗଲ ମାନଙ୍କ ଆକ୍ରମଣ ସମୟରେ ଅନେକ ହନ୍ଦୁ ମନ୍ଦିରକୁ ପ୍ରଭୂତ କ୍ଷତ ସହ୍ୟ କରବାକୁ ପଡ଼ିଥିବା ଦେଖି ହୁଏତ ସେହ ସମୟର

ଶାସକମାନେ ମନ୍ଦିର ଭିତରେ ଅନ୍ୟ ଧର୍ମର ଲୋକମାନଙ୍କ ପ୍ରବେଶକୁ ବାରଣ କରିଥାଇ ପାରନ୍ତି । ପ୍ରଥମେ ମୋଗଲ ବା ମୁସଲମାନ ଏବଂ ପରେ ପରେ ବ୍ରିଟିଶ ବା ଖ୍ରୀଷ୍ଟିୟାନ୍ ଲୋକଙ୍କ ପାଇଁ ମନ୍ଦିର ପ୍ରବେଶ ମନା କରାଯାଇଥିବ ବୋଲି ଅନୁମାନ ।

ସେ ଯା ହେଉ ମନ୍ଦିର ନିର୍ମାଣର ଅନେକ ଶତାବ୍ଦୀ ବିତିଗଲାଣି ଏବଂ ବର୍ତ୍ତମାନ ବସୁଦେବ କୁଟୁମ୍ବକମ୍ କୁ ବ୍ୟାପକ ଭାବରେ ଆଦୃତ କରିବା ସମୟ ଆସିଛି । ହୁଏତ ଅତୀତରେ ନିଜ ଧର୍ମ ପ୍ରଚାର ଓ ପ୍ରସାର ପାଇଁ ମାଧ୍ୟମର ଅଭାବ ହେତୁ ଆମେ ଅନ୍ୟମାନଙ୍କୁ ଆମ ବିଶାଳ ସନାତନ ଧର୍ମ ବିଷୟରେ ଜଣାଇ ପାରୁନଥିଲୁ, ହେଲେ ଏବେ ବିଶ୍ୱର ଅନେକ ଦେଶରେ ଆମ ଧର୍ମର ପ୍ରସାର ହେବା ନିଶ୍ଚୟ ଭାବେ ଏକ ସ୍ୱାଗତଯୋଗ୍ୟ ପଦକ୍ଷେପ ।

ବର୍ତ୍ତମାନ ପ୍ରଶ୍ନ ଉଠୁଛି, ମନ୍ଦିର ଭିତରକୁ ଅନ୍ୟ ଧର୍ମର ଲୋକମାନଙ୍କୁ ପ୍ରବେଶ ଅଧିକାର ଦିଆଯିବା ଉଚିତ ନା ନାହିଁ? କଥା ହେଉଛି, ଶ୍ରୀମନ୍ଦିର ଭିତରେ ପ୍ରବେଶ କରିବାବେଳେ ଆପଣଙ୍କୁ କେହି କେବେ ଅଟକାଇ ଆପଣଙ୍କ ଧର୍ମ କଥା ପଚାରିଛନ୍ତି କି ? ତା ହେଲେ ମନ୍ଦିରର ସୁରକ୍ଷାଦାୟିତ୍ୱରେ ଥିବା କର୍ମୀମାନେ ହିନ୍ଦୁ ଧର୍ମ ବ୍ୟତୀତ ଅନ୍ୟମାନଙ୍କୁ ଚିହ୍ନୁଛନ୍ତି କେମିତି ? କେବଳ ଶରୀରର ରଙ୍ଗ, କଥାବାର୍ତ୍ତାର ଢଙ୍ଗ ଆଉ ହୁଏତ ବେଶ ପୋଷାକ, ଚାଲି ଚଳଣି ଇତ୍ୟାଦିରୁ । ଯଦି ଜଣେ ଚାହିଁବ ତା ହେଲେ ନିର୍ବିରୋଧ ମନ୍ଦିର ଭିତରେ ପ୍ରବେଶ କରିପାରିବ ଆଉ କେହି ଜାଣି ବି ପାରିବେ ନାହିଁ । ଅତୀତରେ ହୁଏତ ମୋଗଲମାନେ ଲମ୍ବା ଦାଢ଼ୀ ରଖୁଥିଲେ ଏବଂ କିଛି ବିଶେଷ ପରିପାଟୀରେ ସୁସଜ୍ଜିତ ହେଉଥିଲେ ବୋଲି ସେମାନଙ୍କୁ ଜାଣିବା ସହଜ ହେଉଥିଲା, ଆଜିକାଲି ତ ସମସ୍ତେ ସମାନ ଦେଖାଯାଉଛନ୍ତି । ଆଉ ଲମ୍ବା ପୋଷାକ ନାହିଁ କି ମୁହଁରେ ଦାଢ଼ୀ ନାହିଁ । ତା ହେଲେ ପରିଚୟ ମିଳିବ କେମିତି ?

ସମୟ ସହିତ ସବୁ ଜିନିଷ ପରିବର୍ତ୍ତନ ହୁଏ । ଓଡ଼ିଆରେ କଥାଟିଏ ବି ଅଛି, 'ବେଙ୍ଗ କହେ ବେଙ୍ଗୁଲି ଲୋ, ଦୁନିଆ କ୍ଷଣ କ୍ଷଣକେ ଆନ', ଅର୍ଥାତ ପ୍ରତି ମୁହୂର୍ତ୍ତରେ ଜଗତ ପରିବର୍ତ୍ତନଶୀଳ । ଏବଂ ପରିବର୍ତ୍ତନ ହିଁ ଉନ୍ନତିର ପ୍ରକୃତ ଲକ୍ଷଣ, ହେଲେ କିଛି ରକ୍ଷଣଶୀଳ ହିନ୍ଦୁ ବା ମୌଳବାଦୀଙ୍କ ଚିନ୍ତାଧାରାରେ କିଛି ପରିବର୍ତ୍ତନ ଆସିନାହିଁ । ଆମେ ଆମ ଧର୍ମକୁ ଯେତେ ସଂକୀର୍ଣ୍ଣ କରି ରଖିବା, ଲୋକମାନେ ଆମ ଧର୍ମପ୍ରତି ସେତେ ବିମୁଖ ହେବେ ହିଁ । ମନ୍ଦିରର ସବୁ ରୀତିନୀତି ଯେତେବେଳେ ଦାଣ୍ଡରେ ପଡ଼ି ହାଟରେ

ଗଢ଼ିଲାଣି, ସେତେବେଳେ ମନ୍ଦିରରେ ଅନ୍ୟମାନଙ୍କ ପ୍ରବେଶ ବନ୍ଦ କରିବା ହାସ୍ୟାସ୍ପଦ ଲାଗେ । ଆମ ଧର୍ମ ଆମକୁ ହିଂସା ପରାୟଣ ହେବା ଶିଖାଏନି, କିମ୍ବା ଠକିବା ବା ଶଠଭଳି ବ୍ୟବହାର କରିବା ଶିଖାଏନି । ଆମ ଧର୍ମ ଆମକୁ ଶିଖାଇଛି ସହନଶୀଳତା, ବନ୍ଧୁତ୍ୱ, ବିଶ୍ୱଭ୍ରାତୃତ୍ୱ ଏବଂ ଏତେ ସବୁ ଭଲ ଗୁଣକୁ ଯଦି କେହି ଆପଣେଇବାକୁ ଆସେ, ତାଙ୍କୁ ଆମେ ବାହୁ ଖୋଲିଦେଇ ସ୍ୱାଗତ ଜଣାଇବା ମୋ ମତରେ ଏକ ଉଚିତ ପଦକ୍ଷେପ ହେବ । ସଂକୀର୍ଣ୍ଣତାର ଦ୍ୱାର ଦେଇ କେବେ ମହାନତା ଆଗକୁ ବଢ଼ିପାରିବ ନାହିଁ । ଶ୍ରୀମନ୍ଦିରକୁ ବାସ୍ତବରେ ଜଗତ କଲ୍ୟାଣ ହେତୁ ଜଗତବାସୀଙ୍କ ଉଦ୍ଦେଶ୍ୟରେ ଖୋଲି କରିଦେବା ଉଚିତ ହେବ ବୋଲି ମୋର ବ୍ୟକ୍ତିଗତ ମତ । ଅବଶ୍ୟ ଅନେକ ଏହି ମତକୁ ଖୋଲାଖୋଲି ଭାବେ ବିରୋଧ କରିପାରନ୍ତି, ସେମାନଙ୍କ ମତକୁ ମୁଁ ସମ୍ମାନ ଦେଉଛି, କିନ୍ତୁ ମୋ ମତକୁ ଉପସ୍ଥାପନ କରିବାକୁ ମଧ୍ୟ ଉଚିତ ମନେ କରୁଛି ।

ଏହି ବିଷୟକୁ ନେଇ ଏକ ବିସ୍ତୃତ ଚର୍ଚ୍ଚା କରାଯିବାର ଆବଶ୍ୟକତା ରହିଛି ଏବଂ ସେହି ଚର୍ଚ୍ଚାର ନିଷ୍କର୍ଷକୁ ନେଇ ଶ୍ରୀମନ୍ଦିରର ପ୍ରଶାସନ ଏବଂ ରୀତିନୀତି ଧାର୍ଯ୍ୟ କରିବାର ଆବଶ୍ୟକତା ରହିଛି ।

ଶ୍ରାବଣର ପବିତ୍ର ମାସରେ ଭୋଲେବାବାଙ୍କ ଚରଣରେ ଚଳିତ ମାସର ସଂସ୍କରଣ ଉପସ୍ଥାପିତ କରୁଛି । ଆଶା କରୁଛି ପୂର୍ବ ସମସ୍ତ ସଂସ୍କରଣ ପରି ଏହି ସଂସ୍କରଣ ମଧ୍ୟ ପାଠକପାଠିକା ମନକୁ ପସନ୍ଦ ଆସିବ ।

ଧନ୍ୟବାଦ

ଡା ଜ୍ୟୋତି ପ୍ରସାଦ ପଟ୍ଟନାୟକ

ପ୍ରତିଷ୍ଠାତା - ସମ୍ପାଦକ

ଆହ୍ୱାନ ଇ-ପତ୍ରିକା

# ଚଳିତ ସଂସ୍କରଣରେ...


ସମ୍ପାଦକୀୟ ୪

ଦୁର୍ଗାନାମ ସ୍ତୁତିକା ୧୩
ଶିବପ୍ରସାଦ ବାହିନୀପତି

ଏକ ଓଡ଼ିଆର ସ୍ୱୀକାରୋକ୍ତି ୧୫
ସ୍ୱରୂପ କୁମାର ମଲ୍ଲ

ଆମ ଓଡ଼ିଶା ମହାନ ୧୭
କମଳକାନ୍ତ ସୁବୁଦ୍ଧି

ନିଶା ୧୮
ନିବେଦିତା ରଥ

ଅଭିମାନୀ ରକ୍ଷୀ ୨୦
ଡା ଜ୍ୟୋତି ପ୍ରସାଦ ପଟ୍ଟନାୟକ

ପତ୍ରଝଡ଼ାର ଦିନ ୨୩
ମଧୁମିତା ମହାନ୍ତି(ମିତୁ)

ସବୁ ତୁମରି ପାଇଁ ୩୦
ଅନସୂୟା ପଣ୍ଡା

ଗଣିତ ୩୨
ପୃଥ୍ୱୀରାଜ ପାତ୍ର

ଅନାମିକା ୩୩
ରଞ୍ଜନ କୁମାର ସ୍ୱାଇଁ

ବେଦରଦୀ ପ୍ରେମ ୩୪
ଶିଶିର କୁମାର ସାମଲ

କାଷ୍ଟିଙ୍ଗ୍ କାଉଚ୍ ୩୫
ହିମାଂଶୁ ଶେଖର ବାରିକ

କବିତା ୩୬
ଅନୁପମ ବେହେରା

ଆମ ଗାଁରେ ବର୍ଷା ୪୦
ଅମିତାଭ ସାହୁ

ପୁରୁଣା ସୁନା ୪୧
ଡା ସୌମ୍ୟରଞ୍ଜନ ମିଶ୍ର

ଆଜିର ମଣିଷ, 'ମୁଁ ରାକ୍ଷସ' ୪୩
କ୍ଷେତ୍ରବାସୀ ଜେନା

ମନେ ପଡ଼େ ୪୫
ମମତା ଦାଶ

ଟିକି ଚଢ଼େଇ ୪୯
ଜଗନ୍ନାଥ ସାହୁ

ଅସହାୟ ୫୦
ଡା ଜ୍ୟୋତି ପ୍ରସାଦ ପଟ୍ଟନାୟକ

ତୁମ କଥା ମନେ ପଡ଼େ ୫୬
ପ୍ରଶାନ୍ତ କୁମାର ନାଥ


http://www.facebook.com/odiaparibar

ନିଜ ଗସ୍ତା ୫୭
ଭାଗିରଥୀ ବେହେରା

ମୁଁ ଏକ ଜିରବଦ୍ରଷ୍ଟା ୫୯
ପ୍ରହ୍ଲାଦ ଖଟୋଇ

ବର୍ଣ୍ଣିତ ଖଞ୍ଜନ ୬୦
ଅଜିତ କୁମାର ମଲ୍ଲିକ

ବ୍ୟସ୍ତତା ଭିତରେ ଦିନଟିଏ ୬୧
ଅରବିନ୍ଦ ଆଗ୍ରର୍ଯ୍ୟ

ଆଲିଏନ୍ ୬୬
ବିଦ୍ୟାଧର ପଣ୍ଡା

ବିକଳାଙ୍ଗତା ଅଭିଶାପ ନୁହେଁ ୭୩
ବାଲ୍ମୀକି ନାୟକ



# ରକ୍ଷାବନ୍ଧନ

ପବିତ୍ର ରକ୍ଷାବନ୍ଧନ ପର୍ବ ଉପଲକ୍ଷେ ସମସ୍ତ ଭାଇଭଉଣୀଙ୍କୁ ହାର୍ଦ୍ଦିକ ଅଭିନନ୍ଦନ

# ସ୍ୱାଧୀନତା ଦିବସ

ଭାରତୀୟ ଗଣତନ୍ତ୍ରର ସ୍ୱାଧୀନତା ଦିବସ ଉପଲକ୍ଷେ ସମସ୍ତ ଭାରତବାସୀଙ୍କୁ ଆହ୍ୱାନ ଓଡ଼ିଆ ପରିବାର ତରଫରୁ ହାର୍ଦ୍ଦିକ ଅଭିନନ୍ଦନ ।
ପୂଣ୍ୟଭୂମି ଭାରତର ଜୟ ହେଉ !!!

ଆହ୍ୱାନ ଇ-ପତ୍ରିକାର ଆଗାମୀ ସଂସ୍କରଣ ଆସନ୍ତା ମାସ (ସେପ୍ଟେମ୍ବର) ଦଶ ତାରିଖରେ ପ୍ରକାଶିତ ହେବ, ନିଜ ଲେଖା ପତ୍ରିକାରେ ପ୍ରକାଶିତ କରିବା ଇଚ୍ଛୁକ ଲେଖକଲେଖିକା ନିଜ ଲିଖିତ କୃତିକୁ ଆମ ନିକଟକୁ ଇମେଲ୍‌ଦ୍ୱାରା ପଠାଇ ପାରିବେ କିମ୍ବା ଚିଠିଦ୍ୱାରା ପଠାଇ ପାରିବେ । ଅଧିକ ସୂଚନା ପାଇଁ ପତ୍ରିକାର ଶେଷ ପୃଷ୍ଠାକୁ ପଢ଼ନ୍ତୁ ।

**http://www.facebook.com/groups/aahwaan**

# ଦୁର୍ଗାନାମ ସ୍ତୁତକା

ଶିବ ପ୍ରସାଦ ବାହନୀପତ



ଅଇର ବଇରୀ ନାଶିନୀ ଦେବୀ କାଳକା,
ଆଶିଷ ଦାୟିନୀ ଦୁର୍ଗତ ନାଶିନୀ ଦୁର୍ଗା ।
ଈଶ୍ୱରୀ ପ୍ରାଣ ବଲ୍ଲଭୀ ଗିରଜା ଦୁଲ୍ଲଣୀ,
ଈଶ୍ୱର ତୁ ମହାମାୟୀ ଦନୁଜ ନାଶିନୀ ।
ଉମା ମାହେଶ୍ୱରୀ ପାର୍ବତୀ ଅମ୍ବିକା ମାତା,
ଉଗ୍ରରୂପା ଉଗ୍ରସେନୀ ବମଳା ଚଣ୍ଡିକା ।
ଋଷିଗଣ ବନ୍ଦିତା ଆରୁଷି ନେତ୍ରା ରୁଦ୍ରା
ରକ୍ଷନେତ୍ରା ମହାମାୟୀ ଦଶଭୂଜା ଭଦ୍ରା ।
ଏମନ୍ତେ କେତେ ତୋ ନାମ ଦେଇଗଲେ ବ୍ରହ୍ମା,
ଐଶ୍ୱରୀକ ଶକ୍ତି ସମ୍ପର୍ନ୍ନା ରୁଦ୍ରଙ୍କ ବାମା ।
ଓଁକାର ରୂପିଣୀ ସତ୍ୟ ଶାନ୍ତ ଦୟା କ୍ଷମା,
ଔଜଲ୍ୟ ବବର୍ଦ୍ଧନୀ ତୁ ମାଆ ଅର୍ନ୍ନପୂର୍ଣ୍ଣା ।
କମଳ ଦଳ ନବାସିନୀ ଶ୍ରୀଦେବୀ ଲକ୍ଷ୍ମୀ,
ଖ୍ୟାତ ଅରଜନ୍ତୁ ମାଆ ଘରେ ଘରେ ପୁଣି ।
ଗରବଗଞ୍ଜିନୀ ବୋଲ ପଡୁଅଛି ଡାକ,
ଘୋର ସଙ୍କଟୁ ମୋତେ ଉଦ୍ଧାର ଆଦମାତା ।
ଚଣ୍ଡମୁଣ୍ଡ ନପାତନୀ ଅଭୟ ଦାୟିନୀ,
ଛିନ୍ନମସ୍ତା ରୂପେ ପିଉ ନଜ ଲହୁ ପୁଣି ।
ଜଗଦମ୍ବା ଜାଗେଶ୍ୱରୀ ଜଗତ ତାରଣୀ,

ଝରଯାଏ ଅଶ୍ରୁମୋର ସାଜ ନିର୍ଝରଣୀ ।
ଟହ ଟହ ହସେ ମାଗୋ କମ୍ପାଉ ମେଦନୀ,
ଠକ ସଂସାରରେ ମାଆ ଥକ ମୁଁ ଗଲଣି ।
ଡମ୍ବରୁ ଧାରଣୀ ମାଆ ଅର୍ଦ୍ଧଚନ୍ଦ୍ର ଚୁଡ଼ା
ଢପ ଢପ ଗୁହ୍ଲରେ ତୋ ଥରଇ ବସୁଧା ।
ତୁ କମଳା ତୁ ବଗଳା ତୁ ମାତଙ୍ଗୀ ଶିବା,
ଥାଉ ତୁହ ସବୁରୂପେ ସବୁଠାରେ ମାତା ।
ଦୈତ୍ୟ ସଂହାରୀ ମାଆ ତୁ ରଖିଲୁ ଅବନୀ,
ଧୂମାବତୀ ରୂପେ ତୁ ମହାଭୟଙ୍କାରଣୀ ।
ନମସ୍ତେ ମଙ୍ଗଳା ମାଗୋ ମଙ୍ଗଳ କାରଣୀ,
ପ୍ରଣମେ ତୋ ପାଦେ ଶିବ ରଖଲେ ଜନନୀ ।
ଫୁଲ ମଧ୍ୟେ ରକ୍ତଜବା ଅତ ପ୍ରିୟ ତୋର
ବନସ୍ତେ ବନଦୁର୍ଗା ବନେ କରୁ ବହାର ।
ଭଣଇ ମୁଁ ଶିବ ପ୍ରସାଦ ବାହନୀପତ
ମମ ଦୋଷ କ୍ଷମାକର ଥିଲେ କଛ ତୃଟି ।
ଯାହା ମୁଁ ଜାଣିଛ ମା ଲେ କରଲ ବଖାଣ
ରଖ ମୋତେ ତୋର ପାଦେ ଗଲ ମୁଁ ଶରଣ ।
ଶିବାନୀ ଭବାନୀ ରଖ ପଣତ ଘୋଡ଼ାଇ
ଷଡ଼ରପୁ ମର୍ଦ୍ଦନୀଲେ ଦୋଷ ଧରନାହିଁ ।
ସଖା ସହୋଦର ମୋର ନାହିଁ ବନ୍ଧୁବଳ
ହଟ କରନାହିଁ ସ୍ଥାନ ଦଅ ପାଦତଳ ।
କ୍ଷମାଦାୟିନୀ ଜନନୀ କ୍ଷମାଦଅ ମୋତେ
ଲକ୍ଷହୀନ ପୁତ୍ର ପଥ ଦେଖାଅ ତୁରତେ ।

# ଏକ ଓଡ଼ିଆର ସ୍ୱୀକାରୋକ୍ତି

ସ୍ୱରୂପ କୁମାର ମଲ୍ଲ



କେତେ ଥର ଆମେ (ଓଡ଼ିଶାବାସୀ) ଦେଖିବାକୁ ପାଇଛେ ଏକ ଭ୍ରୂକୁଞ୍ଚିତ ଚେହେରା ସହ ପ୍ରଶ୍ନବାଚୀର ଅସୁମାର ଭଣ୍ଡାର ! ! 'ତମେ କେଉଁଠୁ ଆସିଅଛ ?' ପ୍ରଶ୍ନର ଉତ୍ତର ଦେଉଥିବା ସମୟରେ

"ମୁଁ ଓଡ଼ିଶାରୁ " ! ! !

ରେଳଗାଡ଼ିରେ ଆପଣଙ୍କ ସହ ଯାଉଥିବା ଯାତ୍ରୀ, ନୂଆ ବଶ୍ୱବଦ୍ୟାଳୟ ବା ନୂଆ ଘରେ ରହୁଥିବା ବା ଆପଣଙ୍କର ଉଚ୍ଚ ଶିକ୍ଷିତ "ବୋସ୍"(ଭାରତର ଅନ୍ୟ ରାଜ୍ୟରୁ ଆସିଥିବା) ଲୋକଙ୍କ ଠାରୁ ନଶ୍ଚିତ ଭାବେ ଏଇ ପ୍ରଶ୍ନର ଆପଣ ଉତ୍ତର ଦେଇଥିବେ।

ଆପଙ୍କର ଅଣଓଡ଼ିଆ ବା ଯିଏ ଓଡ଼ିଶାରୁ ନୁଁହନ୍ତ ତାଙ୍କ ଚେହେରାର ଅଙ୍ଗଭଙ୍ଗି ପର ବାକ୍ୟରେ ଦେଖାଇବା ପାଇଁ ଚାହୁଁଛ... (ଯାହାଙ୍କ ପ୍ରଶ୍ନର ସମ୍ମୁଖୀନ ଆପଣ ହେଇ ଉତ୍ତର ଦେଉଥିବେ)

"ଓଡ଼ିଶା ? ? ? ? ? ? ? ?"

ଆପଣ ତାଙ୍କ ଚେହେରାରେ ଏକ ବଡ଼ ପ୍ରଶ୍ନଚହ୍ନ ପାଇବେ... ଆଉ ଆଖି ଡୋଳାକୁ ଦଶ ଥର ବୁଲାଇବେ ଆଉ ଜବରଦସ୍ତି ଏମିତ ଆଖି ବନ୍ଦ କରଦେବେ ଯେ ଆପଣ ଭାବବେ ଯେ ନାସା ଗବେଷକ ପର କଛ ଗୋଟେ ଜନଷ ଭାବୁଛନ୍ତ ? ? କଛ ସମୟ ପରେ ଗୁଣୁ ଗୁଣୁଇ ହେବେ 'ଉ... ଉ ... ଉଡ଼ିଶା ? ? ?.. ଠିକ ନା ? ?'

'ବାଇ ଦ ୱେ ଏଇଟା କୋଉଠି କି ? ?..' ମୁଁ ଏଇ ରାଜ୍ୟ ବାବଦରେ ବେଶି କଛ ଶୁଣିନ ? ? ?"

ଜାଣିନା ତେବେ..

ଶୁଣ ତେବେ...

"ଏହା ଭାରତର ୨୯ତମ ରାଜ୍ୟ, ହେଲ୍ ?"

"ହୁଃ ! ! ! ! !"

ତମର ହାବଭାବ ତମର କୂପମଣ୍ଡୁକତାକୁ ଦର୍ଶାଉଛି, ହେଲ୍....

ସ୍କୁଲରେ ଥିବା ବେଳେ ସମସ୍ତଙ୍କୁ ଭାରତର ପ୍ରତି ରାଜ୍ୟ ଓ ଏହାର ରାଜଧାନୀ ପଢ଼ାଯାଇଛି । ତମେ କେମିତି ଏକ ରାଜ୍ୟର ନାମକୁ ଭୁଲି ଯାଉଛ ? ? ତମେ ମୋ ରାଜ୍ୟର ନାମ କେବେ ଶୁଣିନା ତା ମାନେ ନୁହେଁ କି ଏହା ଭାରତରେ ନାହିଁ ବୋଲି ! ଏହା ସ୍ପଷ୍ଟ ଦର୍ଶାଉଛି ଯେ ତମେ ଜଣେ ମୂର୍ଖ ବା ତମେ ସ୍କୁଲରେ ଠିକ ସେ ପଢ଼ି ନାହଁ ? ମୋତେ କ୍ଷମା କରନ୍ତୁ ଏମିତି କହିବା ପାଇଁ କିନ୍ତୁ ଏହା ହିଁ କଟୁ ସତ୍ୟ ।

ତମେ ଯେତେବେଳେ କହୁଛ କି ମୁଁ ବମ୍ବେ, ଚେନ୍ନାଇ, ହାଇଦ୍ରାବାଦ, କୋଚି, ସିକିମ୍, ଭାଇଜାଗ, ମାଙ୍ଗାଲୋରରୁ ମୁଁ ତ ସବୁ ବେଳେ ଜାଣିପାରୁଛି ଆଉ ଅନୁଭବ କରିପାରୁଛି, ତେବେ ତମେ କଣ ପାଇଁ ନୁହଁ...... ? ?

ମୂଳ ଲେଖା-ଅମିତ ସିଂହ (("ସଟରଡେ ବ୍ଲୁଜୁମ୍ସ୍ " ) ବ୍ଲଗ

ସୌଜନ୍ୟ - ଇଣ୍ଟରନେଟ

ଅନୁବାଦ - ସ୍ୱରୂପ କୁମାର ମଲ୍ଲ

# ଆମ ଓଡ଼ିଶା ମହାନ

କମଳକାନ୍ତ ସୁବୁଦ୍ଧି



ଓଡ଼ିଶା ମାଟିର ଅମୃତ ସନ୍ତାନ
ଓଡ଼ିଶା ଆମ ମହାନ,
ଆମେ କୁନା କୁନ ଆଗାମୀ କାଲର
ଭବଷ୍ୟ ବୀର ସନ୍ତାନ ।୧ ।

ଗୋପବନ୍ଧୁ, ସୁବାଷ, ମଧୁସୂଦନ
ଆଉ ଫକୀର ମୋହନ,
ତାଙ୍କ ପାଇଁ ଏ ମାଟି ଆଜ ଗର୍ବିତ
ଆମ ଓଡ଼ିଶା ମହାନ ।୨ ।

ବଶ୍ୱ ଦରବାରେ ଉଡ଼ାଇଲେ ବାନା
ଓଡ଼ିଶା ମାଟିରେ ଜନ୍ମ
ଯଶକୀର୍ତ୍ତି କର ଦେଲେ ବଳଦାନ
ଓଡ଼ିଶା ହୋଇଲା ଧନ୍ୟ ।୩ ।

ପଢ଼ିବା ତାଙ୍କର ଅମର କାହାଣୀ
ଶିକ୍ଷିବା ଅନେକ କଥା,
ତାଙ୍କ ପର ଆମେ ଭଲ କାମ କର
ଉଚ୍ଚ କରଦେବା ମଥା ।୪ ।

ନଇର, ଖୋର୍ଦ୍ଧା

# ନିଶା

ନିବେଦିତା ରଥ



କାହାକୁ ବା ଅଜଣା ନିଶା କେତେ ମାରତ୍ମକ

ତଥାପି ଖୁସିରେ ବନନ୍ତି ତାହାର ଗ୍ରାହକ

ଦୂରଦର୍ଶନ ହେଉ ବା ଖବର କାଗଜରେ

ଯେତେ କଲେ ବି ସଚେତନ ।

ମଡ଼ାଇ ଚାଲିଛି ତାର ଚେର

ପିଲାଠୁ ବୁଢ଼ା ସଭିଏଁ ତାର ଅଧିନ

କେତେ ସୁନା ସଂସାରକୁ ନିଶା କରିଛି ଚୂନା

ତଥାପି ନ ସୁଧୁରନ୍ତି ଏତେ ପାଇବି ନମୂନା

କୁସଙ୍ଗରେ ପଡ଼ି ତାର ସ୍ୱାଦ ନେବାପାଇଁ

ଅଜାଣତେ ତା ଶିକାର ଯାଆନ୍ତି ସେ ହୋଇ

ଜୀବନ ହରାନ୍ତି ପଛେ ନିଶା ନ ଛାଡ଼ନ୍ତି

ଥରେ ଯିଏ ଏ ରାକ୍ଷସ କବଳେ ପଡ଼ନ୍ତି ।

ମୂଲ୍ୟବାନ ଶରୀରକୁ ନଷ୍ଟ କରନ୍ତି

ଯେତେ କଲେ ବି ବାରଣ ଧ୍ୟାନ ନ ଦିଅନ୍ତି

ଯେତେ ଚେଷ୍ଟା କଲେ ନିଶା ନିବାରଣ ପାଇଁ

କୀଟପତଙ୍ଗ ସମ ନିଆଁକୁ ଯାଆନ୍ତି ଡେଇଁ

କେତେ ମୂର୍ଖ ସତେ ସବୁ ଜାଣି ବି ଅଜଣା

ନିଶା କରିଦେଉଛି ସଭିଙ୍କୁ ବାଟ ବଣା

ନିଜ ହାତେ ନିଜର କରିଥାନ୍ତି ସର୍ବନାଶ

ପରିବାର ଓ ସମାଜରେ ଘୋଳୁଥାନ୍ତି ବିଷ

ଏବେ ବି ଅଛି ସମୟ କବଳରୁ ତାର ମୁକୁଳି ଆସ

ତୁମ ଦୁନିଆରେ ପୁଣି ଫୁଟିବ ହସ

ଏ କବିତାକୁ ପଢ଼ି ଯଦି କିଏ ଯାଏ ସୁଧୁରୀ

ସାର୍ଥକ ହୋଇଯିବ କବିତା ଲେଖା ମୋହରୀ

# ଅଭିମାନୀ ରାକ୍ଷୀ

ଡା ଜ୍ୟୋତି ପ୍ରସାଦ ପଟ୍ଟନାୟକ



'କଲେଜ ଗେଟ୍ ସାଇଡ଼ରେ ଗୋଟିଏ ଉଠା ଦୋକାନ ଖୋଲିଛି । ରାକ୍ଷୀ ବିକୁଛି । ଚାଲ ରାକ୍ଷୀ କିଣିବା ।' ସୁଷମା ଆସି କହୁଥିଲା । କ୍ଲାସରେ ବସିଥିବା ସବୁ ଝିଅ ଖୁସିରେ ଉଠି ଚାଲିଲେ । ନିଜ ଚେୟାରରେ ବସିଥିବା ରଶ୍ମୀ କଣ କରିବ କିଛି ବୁଝିପାରୁ ନଥିଲା । ସେ ଯିବ ନା ନାହିଁ । ଯଦି ଯିବ କାହିଁକି ଯିବ ? ତା'ର ତ କେହି ଭାଇ ନାହାନ୍ତି । ଗତ ବର୍ଷ ରାକ୍ଷୀ ସମୟରେ ହିଁ ଏକ ସଡ଼କ ଦୁର୍ଘଟଣାରେ ତା ଭାଇ ବସନ୍ତର ଦେହାନ୍ତ ହୋଇଯାଇଥିଲା । ସେଦିନ କଥା ରଶ୍ମୀ କେବେ ଭୁଲି ପାରିବନି ।

ରାକ୍ଷୀପାଇଁ ସବୁକିଛି ଯୋଗାଡ଼ କରି ସେ ବସିଥିଲା । ସକାଳୁ ସକାଳୁ ଗାଧୋଇ ପାଧୋଇ ଥାଳି ସଜାଇ ରଖିଥିଲା । ଭାଇ ନୂଆ ନୂଆ ଚାକିରୀ କରିଛି । ଆଗ ସିନା ରାକ୍ଷୀରେ ବାପାବୋଉ ଟଙ୍କା ଦେଉଥିଲେ ଏବେ ଭାଇ ନିଜେ ଦେବ । କମ୍‌ସେ କମ୍ ପାଞ୍ଚ ଶହଟଙ୍କାଟେ ମିଳିବ । ନ ହେଲେ ରାକ୍ଷୀ ବାନ୍ଧିବିନି ବୋଲି ସେ ଉଚ୍ଚ ସ୍ୱରରେ ଘରେ ବାପା ବୋଉଙ୍କୁ ଜଣେଇ ଦେଇଥିଲା । ବାପା ଦାଣ୍ଡରୁ ବୈଠକ ଘର ଭିତରେ ଯା ଆସ କରୁଥିଲେ । ରାକ୍ଷୀ ପୂର୍ବଦିନ ଛୁଟି ନଥିଲା ବୋଲି ବସନ୍ତ ଆସି ପାରିନଥିଲା । ସକାଳୁ ସକାଳୁ ସେ ଭୁବନେଶ୍ୱରରୁ ଗାଡ଼ି ନେଇ ଆସୁଥିଲା । ଅଧିକରୁ ଅଧିକ ଚାରିଘଣ୍ଟା ଲାଗେ । ନେସନାଲ୍ ହାଇୱେ ରାସ୍ତା, ଏଇ ଦେଖୁ ଦେଖୁ ଚାଲି ଆସିବ । ବାପା ଅବଶ୍ୟ ମନା କରୁଥିଲେ ତୁ ଗାଡ଼ି ନେଇ ଆସନା ବୋଲି, ହେଲେ ରଶ୍ମୀ ଜିଦ୍ କରିଥିଲା । କହିଲା ନୂଆ ଗାଡ଼ି କିଣିଛି ଭାଇ, ସେ ଆସିଲେ ଭାଇ ସାଙ୍ଗରେ ସେ ଗୋପାଳପୁର ଯିବ । ବାପାଙ୍କ ସ୍କୁଟର ପୁରୁଣା ହେଲାଣି । ସାଙ୍ଗମାନଙ୍କ ଆଗରେ ବି ନିଜର ଥାଟ୍ ଜମେଇ ହେବ । ସକାଳ ପାଞ୍ଚଟାରୁ ଭାଇ ଭୁବନେଶ୍ୱର ଛାଡ଼ିଲାଣି । ମଝିରେ

ଫୋନ୍ କରିଥିଲା, ବାଲୁଗାଁ ପାଖାପାଖି ଥିଲା ।

ବୋଉ ସେଦିନ ଘରେ ବ୍ୟସ୍ତ । ଭାଇ ଆସିବ ବୋଲି ସବୁ ଚକୁଳି, କାକରା କରିବାରେ ଲାଗିଯାଇଛି । ଆମିଷ ଆଣିବାପାଇଁ ମନା କରାଯାଇଥିଲା, ବୋଲି ସାଧା ଖାଦ୍ୟ ରନ୍ଧା ହେଉଛି । ଭାଇ ଦୁଇ ମାସ ହେଲା ଘରକୁ ଆସିନଥିଲା । ସମସ୍ତେ ଭାଇ ଆସିବାର ବାଟ ଚାହିଁ ରହିଛନ୍ତି ।

ରଶ୍ମୀ ବାରମ୍ବାର ଛାତ ଉପରକୁ ଯାଇ ଦୂରରୁ ରାସ୍ତା ଉପରେ ନଜର ରଖିଛି । ଭାଇକୁ ଦେଖିଲେ ଖୁସିରେ ନାଚ ଉଠିବ କି ସତେ । ଏହି ସମୟରେ ଭାଇର ଫୋନ୍ ଆସିଲା । ତୋ ପାଇଁ କଣ ଆଣିଦେବି ବୋଲି ଭାଇ ପଚାରିଥିଲା । ରଶ୍ମୀ ପଚାରିଲା, ତୁ କୋଉଠି ଭାଇ । ବସନ୍ତ କହିଲା, ବ୍ରହ୍ମପୁରରେ ପ୍ରବେଶ କରି ସାରିଲଣି । କମାପଲ୍ଲୀରେ ଅଛି । କହ କଣ ଆଣିବି ? ରଶ୍ମୀ କହିଲା, ଭାଇ ଗୋଟେ ବଡ଼ ଚକୋଲେଟ୍ ଆଣିବୁ ମୋ ପାଇଁ । ଫୋନ ରଖିବା ପରେ ଦଶ ମିନଟରେ ଘର ବାହାରେ ଗାଡ଼ିର ଶବ୍ଦ ଶୁଣି ରଶ୍ମୀ ଧାଇଁଗଲା । ଭାଇ ତା'ର କେତେ କଣ ଧରି ଆସିଛି । ଦୁଇଟା ବ୍ୟାଗରେ ନୂଆ ଲୁଗାପଟା, ଚକୋଲେଟ୍ ଆଉ କେତେ କଣ ।

ବୋଉ ଆସି କହିଲେ, 'ତୁ ଆଗ ସେ ରାକ୍ଷୀ ବାନ୍ଧିଦେଲୁ, ପୁଅଟା କେତେ ବାଟ ଗାଡ଼ି ଚଳେଇ ଆସିଛି, ଭୋକ ହେଉଥିବ କଣ ଟିକେ ଖାଇବ ।' ରଶ୍ମୀ ଭାଇକୁ ସୋଫାରେ ବସେଇ ଦେଇ ହାତରେ ରାକ୍ଷୀ ବାନ୍ଧିବାପାଇଁ ଯାଉ ଯାଉ ଅଟକି ଗଲା । ହାତଟା ଆଗକୁ ବଢ଼େଇ ଦେଇ କହିଲା, 'ମୋ ପାଉଣା ଟା ଦେ, ରାକ୍ଷୀ ବାନ୍ଧିବି ।' ବସନ୍ତ ହସିଦେଇ ନିଜ ପକେଟରେ ହାତ ପୁରେଇ ଦଶ ଟଙ୍କିଆ ନୋଟଟିଏ ବାହାର କରି ପୂଜାଥାଳିରେ ଥୋଇଦେଲା । ରଶ୍ମୀ ମୁହଁକୁ ଫୁଲେଇ ଦେଇ ବସିଗଲା । ବାପା ପଛରୁ ଆସି କହୁଥିଲେ, 'ଆରେ ବାନ୍ଧି ଦେଉନୁ ? ତୋ ଭାଇର ସବୁକିଛି ତ ତୋର । ମାଗୁଛୁ କଣ ?' ରଶ୍ମୀ କିନ୍ତୁ ନଛୋଡ଼ବନ୍ଧା । ସେ କହିଲା, 'ହେବନି । ଆଗ ପାଉଣା ଦେ, ପରେ ରାକ୍ଷୀ ।' ବସନ୍ତ ହସିଦେଇ ଦଶ ଟଙ୍କାଟା ଉଠେଇ ନେଇ ପଚାଶ ଟଙ୍କା ନୋଟଟିଏ ଥୋଇଦେଲା । ରଶ୍ମୀ ମୁହଁକୁ ଫୁଲେଇ ଦେଇ ବସିବା ସ୍ଥାନରୁ ଉଠି ନିଜ କୋଠରୀରେ ପଶିଗଲା ଆଉ କବାଟକୁ ଧଡ୍ କରି ବନ୍ଦ କରିଦେଲା ।

ବୋଉ ଆସି କହିଲେ, 'ଆସୁନୁ ମା ଶୀଘ୍ର ରାକ୍ଷୀ ବାନ୍ଧି ଦେ । ଭାଇକୁ ଭୋକ ହେବଣି ।' ରଶ୍ମୀ

ଭିତରେ ଥାଇ କହିଲା, 'ପାଞ୍ଚ ଶହ ଟଙ୍କା ନ ଦେଲେ ମୁଁ ବାନ୍ଧିବିନି ।' ପଛରୁ ବସନ୍ତ କହୁଥିଲା, 'ପାଞ୍ଚଶହ ଟଙ୍କା କେବେ ଦେଖିଛୁ ?' ରଶ୍ମୀ ଖଟରେ ତକିଆକୁ କାନ ଉପରେ ଦେଇ ଶୋଇବାର ଅଭିନୟ କଲା । ବୋଉ କବାଟକୁ ମାରୁଥିଲେ । କହୁଥିଲେ, 'ହେଇ ଦେଖ ଦେଖ ପିଲାଟା ଭୋକରେ ମୁହଁ ବୁଲେଇ ପଡ଼ିଗଲା ।' ରଶ୍ମୀ କିଛି ଶୁଣିବାକୁ ନାରାଜ । ତେଣେ କିଛି ସମୟ କବାଟ ବାଡ଼େଇ ବୋଉ ଚାଲିଗଲା । ରଶ୍ମୀ ବି କିଛି ସମୟ ସେମିତି ଶେଯ ଉପରେ ଶୋଇରହିବା ପରେ କାହିଁକି କେହି କିଛି କହୁନାହାନ୍ତି ବୋଲି ଉଠି ଆସି କବାଟ ଖୋଲି ଦେଖିଲା ବେଳକୁ ବସନ୍ତ ଚଟାଣରେ ପଡ଼ିଛି, ଆଉ ବାପା ତାକୁ ହାତପଙ୍ଖାରେ ବିଞ୍ଚିଦେଉଛନ୍ତି । ବୋଉ ମୁହଁରେ ପାଣି ଛାଟୁଛନ୍ତି ଆଉ କହୁଛନ୍ତି, 'କେତେ ଜିଦିଆ ଝିଅଟେ ଦେଖ । ଭାଇଟା ଭୋକରେ ମୂର୍ଚ୍ଛା ହୋଇଗଲାଣି, ହେଲେ ରକ୍ଷୀବାନ୍ଧିବିନି ବୋଲି କହୁଛି ।' ରଶ୍ମୀ ଧାଇଁଯାଇ ବାପାଙ୍କ ହାତରୁ ହାତପଙ୍ଖା ନେଇ ବିଞ୍ଚିବାକୁ ଲାଗିଲା । ଭାବୁଥିଲା ଭାଇ ଥଟା କରୁଥିବ, ଏବେ ଉଠିବ ଆଉ ଚମକେଇ ଦେବ । ହେଲେ ସେମିତି କିଛି ହେଲାନି । ବୋଉ ମୁହଁରେ ଅନେକ ପାଣି ମାରିବା ପରେ ବି ସେ ଆଉ ଉଠିଲାନି । ସାଙ୍ଗେ ସାଙ୍ଗେ ଆମ୍ବୁଲାନ୍ସ ଡାକି ହସପିଟାଲ୍ ନିଆଯାଇଥିଲା । ଡାକ୍ତରମାନଙ୍କ ଶତ ଚେଷ୍ଟା ପରେ ସନ୍ଧ୍ୟାବେଳକୁ ଭାଇର ଶବ ଆସି ଘରେ ପହଞ୍ଚିଥିଲା । ଭାଇର ଶବ ଦେଖି ସ୍ଥାଣୁ ହୋଇଯାଇଥିଲା ରଶ୍ମୀ । ତାକୁ ହଲେଇ ଦେଇ ବୋଉ କହୁଥିଲେ, 'ଆଉ କାହା ହାତରେ ରକ୍ଷୀ ବାନ୍ଧିବୁ ଲୋ ମା ?'

ରଶ୍ମୀ ଚମକି ପଡ଼ିଲା ବେଳକୁ ସେ ସେଇମିତି ନିଜ କ୍ଲାସ ରୁମରେ ବସିଥିଲା, ତା ହାତକୁ ହଲେଇ ଦେଇ ସାଙ୍ଗ ଉର୍ମିଳା କହୁଥିଲା, 'ତୋ ଭାଇ ତ ଆଉ ନାହିଁ, କାହା ହାତରେ ରକ୍ଷୀ ବାନ୍ଧିବୁ ?' ରଶ୍ମୀର ଆଖିରୁ ଦୁଇଧାର ଲୁହ ବହିଯାଉଥିଲା । ସେ ଉଠି ବାହାରକୁ ଚାଲିଯାଉଥିଲା । ମନେ ମନେ ଭାବୁଥିଲା, ସେ ଦିନ ରକ୍ଷୀ ବାନ୍ଧିଦେଇଥିଲେ ହୁଏତ ଭାଇର ଜୀବନ ବଞ୍ଚିଯାଇଥାନ୍ତା ।

ବୀମା ନଗର, ଦ୍ୱିତୀୟ ଗଳି
ବ୍ରହ୍ମପୁର, ୭୬୦୦୧୦, ଓଡ଼ିଶା

# ପତ୍ରଝଡ଼ାର ଦିନ

ମଧୁମିତା ମହାନ୍ତି (ମିତୁ)



ଏତେ ଛୋଟ ମୁହଁରୁ ଏତେବଡ଼ ଲୁହଗୋଳା ଅନୁରୋଧ ? ସତରେ ମୁଁ ସ୍ତବ୍ଧ ହୋଇ ଯାଇଥିଲି । ଆଶ୍ଚର୍ଯ୍ୟ ହେଉଥିଲି, ଇଏ କି ପ୍ରକାରର କାମନା ? ଚାକିରୀ ଆରମ୍ଭରୁ ଆଜି ପର୍ଯ୍ୟନ୍ତ ଏତେ ଗୁଡ଼ାଏ ବର୍ଷ ହେଲାଣି - ସମୟ କୋଉ ଫାଙ୍କରେ ଚାଲିଯାଉଛି, ଅବସର ନେବାକୁ ଆଉ ଚଉଦଟା ମାସ ମାତ୍ର ବାକି । ଅନେକ ବିକଳ ମିନତି ଶୁଣିଛି, ବହୁତ ଗମ୍ଭୀର ପରିସ୍ଥିତିର ସାମନା କରୁ କରୁ ଅନ୍ୟମାନଙ୍କୁ ସାଧ୍ୟମତେ ସାହାଯ୍ୟ କରିବାକୁ ଚେଷ୍ଟା କରିଛି । ବେଳେ ବେଳେ ଉପରିସ୍ଥ କର୍ମଚାରୀଙ୍କ ଅପ୍ରିୟ ହୁଏ ପଛେ ଅକୂଳରେ ଭାସୁଥିବା ଅସହାୟମାନଙ୍କୁ ଠାବ ଦେବାରେ ପ୍ରାଣପଣେ ଚେଷ୍ଟା କରିଛି । ମୋ ପଦମର୍ଯ୍ୟାଦାର ଅନୁଚିତ ବ୍ୟବହାର କେଉଁଠି କରିନି । ତଥାପି ଅନେକ ଜାଗାରେ ମୁଁ ସଫଳ ହୋଇଛି, ଆତ୍ମ ସନ୍ତୋଷରେ ଭରି ଉଠିଛି ମୋ ମନ । ହେଲେ ଏତେ ଗୁଡ଼ାଏ ବର୍ଷ ଭିତରେ ଏମିତି କାଠଗଡ଼ାରେ ଠିଆ ହେବାର ପରିସ୍ଥିତି ମୋ ପାଇଁ କେବେ ବି ଉପୁଜି ନାହିଁ । ତା'ପୁଣି ଏଭଳି ଗୋଟାଏ ସଂସାରକୁ ବାର/ତେର ବର୍ଷ ମାତ୍ର ଚିହ୍ନିଥିବା ମୁହଁରୁ ।

ସୁଗାର ପ୍ରବ୍ଲେମ୍ ମୋର ଭୟଙ୍କର । ଦିନେ ଛାଡ଼ି ଦିଏ ଇନ୍ସୁଲିନ ନିଏ ମୁଁ । ଅନେକ ବର୍ଷ ହେଲାଣି ଇଚ୍ଛା ବିରୁଦ୍ଧରେ ସେ ରୋଗକୁ ମୁଁ ମୋ ସହିତ ସମାନ ରାସ୍ତାରେ ଚଳେଇ ଚଳେଇ ଆଣିଲିଣି ଏ ପର୍ଯ୍ୟନ୍ତ । ବେଳେ ବେଳେ ହଠାତ୍ ଭୟଙ୍କର ଅବସ୍ଥା ହୋଇଯାଏ । ସେତେବେଳେ ରତ୍ନା ମୋତେ ଆଦୌ ଅଫିସ ଛାଡ଼ନ୍ତିନି । ଯେତେ ଜରୁରୀ କାମ ଥାଉ, ସେ କର୍ଣ୍ଣପାତ କରନ୍ତି ନାହିଁ ମୋ କାକୁତି ମିନତିକୁ । ବର୍ଷ ବର୍ଷଧରି ବିନା ବିକାରରେ, ବିରକ୍ତିରେ ମୋର ଏ ରୋଗକ୍ଳିଷ୍ଟ ଶରୀରକୁ ଫୁଲଟିଏ ପରି ଟେକି ଧରିଛନ୍ତି ସେ । ସମୟ ଜଗି ଔଷଧ, ଇନ୍ସୁଲିନ୍, ସୁପ୍, ସନ୍ତୁଳା ସହିତ କଣ ମୋ ପାଇଁ ଭଲ

କଣ ନୁହଁ ସେ ସବୁ ବିଷୟରେ ଦିନରାତି ଗବେଷଣା ଗ୍ଲୁ ରହିଛି ତାଙ୍କର । ଖାସ୍ ମୋରପାଇଁ ସେ ନିଜର ପାଟି ସୁଆଦ କଥା ଭୁଲିଯାଇଛନ୍ତି । ଏମିତି ଲୋକଙ୍କୁ କଣ ଜୋର କରି କିଛି କହିହୁଏ ? ତେଣୁ ଦୁଇଦିନ ତଳେ ଯେତେବେଳେ ପେପର ପଢୁ ପଢୁ ହଠାତ୍ ଦେହଟା କେମିତି କେମିତି ଲାଗିଲା, ମୁଁ ଏକପ୍ରକାର ପଡ଼ିଯିବା ଭଳି ଅବସ୍ଥାକୁ ଆସୁଥିବା ବେଳେ ରତ୍ନାଙ୍କ ଦୃଷ୍ଟି ମୋ ଉପରେ ପଡ଼ିଗଲା । ସୁଗାର ଲେବଲ୍ କମ ହେଇଗଲେ ଏମିତି ହୁଏ । ସାଙ୍ଗେ ସାଙ୍ଗେ ଗ୍ଲୁକୋଜ୍ ପାଣି ଦିଅନ୍ତି ସେ । ହେଲେ ତା ପରେ ଦୁଇଦିନ ପାଇଁ ଅଫିସ ବନ୍ଦ କରିଦେବାର ଫତୁଆ ବି ଜାରି କରିଦେଲେ ।

ଆଜି ଅଫିସ ଆସିଲା ବେଳକୁ ମୋ ମୁଣ୍ଡ ଖରାପ । କାମ ନୁହେଁ ତ ପାହାଡ଼ଟିଏ ସତେ ଅବା ମୋ ଆଗରେ ସଦର୍ପେ ଠିଆ ହୋଇଛି । ସବୁକାମ ସାରିବାପାଇଁ ବ୍ୟସ୍ତ ହେଉଥିବା ବେଳେ ଭିତରକୁ ପଶିଆସିଲା ହରିନାଥ : ମୋ ପିଉନ । ହାତରେ ତା'ର ସ୍ଲିପ୍‌ଟେ । ବେଶ ସୁନ୍ଦର ଅକ୍ଷର ଅୟସକାନ୍ତି ଗିରି । ଆଶ୍ଚର୍ଯ୍ୟ ମୁଁ । ଆଗରୁ ଆପଏଣ୍ଟମେଣ୍ଟ ନାହିଁ - ସ୍ଲିପରେ ଡେଜିଗନେସନ୍ ନାହିଁ - କିଏ ଇଏ ? କାହାର ଏତେ ସାହାସ ଯେ ସିଧା ସିଧା ମୋ ରୁମକୁ ଆସିବାକୁ ଚେଷ୍ଟା କରୁଛି ? ମୋ ବିରକ୍ତ ମୁହଁକୁ ଚାହିଁ ହରିନାଥ ଡରିଲା ଗଳାରେ କହିଲା, 'ସାର୍ ପିଲାଟା ଦଶଟା ବେଳୁ ଆସି ମୋ ସହିତ ଜଗରି ଲଗେଇଛି ଭିତରକୁ ଆସିବ ବୋଲି । ଯେତେ ମନା କଲେ ବି ଶୁଣୁନି । ଗୋଟାଏ କୋଡ଼ିଏ ହେଲାଣି ଅବିକା । ତା'ମୁହଁଟା ଶୁଖିଗଲାଣି । କା'ଘର ପିଲା, କଣ ଖାଇଛି କି ନାହିଁ ? ବିସ୍କୁଟଟେ ଯାଚିଲେ ବି ପାଟିରେ ଦେଉନି । ସେଥିପାଇଁ...'

ମୁଁ ଜାଣିଛି ହରିନାଥର କଳା, ପଥୁରିଆ ଚେହେରା ତଳର ମନଟା ଭାରି ନରମ । ମୋ ପାଖକୁ ଆସୁଥିବା ଅଧିକାଂଶ ଅଭିଯୋଗ, ଅନୁଯୋଗ ତା'ର ମାଧ୍ୟମରେ ଆସେ । ସମସ୍ତେ ଜାଣିଛନ୍ତି, ସେ ମହାଦେବଙ୍କ ଷଣ୍ଢ ।

ପଚାରିଲି, 'ପିଲାଟେ ? କିଏ ସେ ?'

'ଜାଣେନି ଆଜ୍ଞା । ସେତେବେଳୁ ବସିଛି । ଡାକି ଆଣିବି ?' ବରଫ ତରଳିଲା ବୋଲି ଜାଣିପାରିଲା ହରିନାଥ । ମୁଁ ବି ଜାଣିଗଲି ଦେଖା ନ କରେଇ ସେ ଛାଡ଼ିବନି ।

ତଥାପି ଅନେକ କାମ ବାକି ଅଛି । ଠିକ୍ ଗୋଟାଏ ପଚିଶ ସୁଦ୍ଧା ଘରେ ନ ପହଞ୍ଚିଲେ

ମୋବାଇଲରେ ଶୁଭବ ରତ୍ନାଙ୍କର ଧିର କିନ୍ତୁ ଧମକପୂର୍ଣ୍ଣ ସ୍ୱର । କୁନ୍ଥୁ କୁନ୍ଥୁ ହୋଇ କହିଲି, 'ତାକୁ କୁହ ଗୁରଟା ବେଳକୁ ଆସିବ । ମୁଁ ଏଇ ଫାଇଲ୍‌ଟା ସାରିଦିଏ । ଏମ.ଡି. ଏଇଟାକୁ ଅପେକ୍ଷା କରିଛନ୍ତି ।'

ମୁହଁଟାକୁ କେମିତି ଗୋଟାଏ ଅଦ୍ଭୁତ ଆମ୍ବିଳା କରି ସେ କହିଲା, 'ସେ ଚେଷ୍ଟା କ'ଣ କରିନି ? ହେଲେ କି ଅବେଇଜ ପିଲାଟା କେଜାଣି ବସିବା ଜାଗାରୁ ଟିପେ ଘୁଞ୍ଚୁନି । କହୁଛି, ମୁଁ ଏଇଠି ଏମିତି ବସିଛି । ଦେଖା କରି ସାରିଲେ ହିଁ ଘରକୁ ଯିବି କକା । ଉଁ କକା ନା ଟେକା ? କା'ଘର ପିଲା କେଜାଣି ତାକୁ କେହି ଖୋଜୁ ବି ନାହାନ୍ତି ।'

ହରିନାଥର ଲମ୍ବା ଭାଷଣ ଶୁଣି ସମୟ ନଷ୍ଟ କରିବା ଅପେକ୍ଷା ବରଂ ପିଲାଟାକୁ ଭିତରକୁ ଡାକିଦେଲେ କାମ ଖତମ । କହିଲି, 'କେତେ ଅବାଧ ପିଲାଟା । ପଠାଅ ତ ତାକୁ ଭିତରକୁ ଦେଖିବା ।'

ଉପରେ ଉପରେ ବିରକ୍ତିରେ ମୁହଁ କୁଞ୍ଚେଇ ଯାଉଥିଲେ ବି ତା'ଭିତରର ଉଚ୍ଛୁଳି ଆସୁଥିବା ଖୁସିକୁ ମୁଁ ବେଶ୍ ଚିହ୍ନି ପାରୁଥିଲି । ଗୁଲକ ନୁହେଁ, ଦୌଡ଼ି ଦୌଡ଼ି ବାହାରକୁ ଗଲା ହରିନାଥ । ଟିକେ ପରେ ମୋ ରୁମରେ ମୋଟା ହରିଆନା ହାଣ୍ଡଲୁମର ଓଜନିଆ ପରଦାକୁ ଦୁଇ ହାତରେ ଏଡ଼ାଇ ପିଲାଟେ ପଶିଲା ଭିତରକୁ । ତାକୁ ଦେଖି ମୁଁ 'ଥ' ହୋଇ ରହିଗଲି । ଏ କି ବିଶ୍ୱେଧାଭିସ ଏତେ କୁନି ପୃଥିବୀରେ ? ଭାରି ସୁନ୍ଦର କୁନ୍‌ମୁନ୍ ଚେହେରା ତା'ର । ବେଶ ଭାବବ୍ୟଞ୍ଜକ ଆଖି । ଅଳ୍ପ ଚୌଡ଼ା ଲାଲ ଲାଲ ଓଠ, ପାଟିରେ ବୋଧହୁଏ ଚକୋଲେଟ୍ ନାହିଁ କିନ୍ତୁ ଲାଗୁଛି ଦୁଇକାଳରେ ସତେ ଅବା ସମାନ ସାଇଜର ଦି'ଟା ଲଜେନ୍‌ସ ଜକା ହୋଇଛି । ମୁଣ୍ଡର ବାଳ ସବୁ ସିଧା ସିଧା କିନ୍ତୁ ଭାରି ଗହଳ । ସକାଳୁ ଯଦି ସତରେ ଏଇଠି ହିଁ ଥିବ ତେବେ ସେଥିପାଇଁ ସେଗୁଡ଼ାକ ଅଲଗା ହୋଇଯାଇଛି । ବେଶ ଦାମିକା ସୁନ୍ଦର୍ ପ୍ୟାଣ୍ଟ ସାର୍ଟ ହିଁ ପିନ୍ଧିଛି । ହେଲେ ସାର୍ଟର ତଳ ବୋତାମଟା ଢିଲା ହୋଇ ଓହଳି ରହିଛି ଲମ୍ବା ସୂତାଟାରେ ଲାଗି । କାହାର କେମିତି ନଜର ପଡ଼ିନି ସେଇଠି, ଟିକେ ଟାଇଟ୍ କରିଦେଇଥିଲେ କି ଛୁଞ୍ଚିରେ ଟିକେ ମାରିଦେଇଥିଲେ ଡ୍ରେସଟାର ସୋ ଆହୁରି ବଢ଼ି ଯାଇଥାନ୍ତା । ପାଦରେ ବି ଦାମିକା ଜୋତା ହିଁ । ଜୋତାଫୋତା ଆଡ଼କୁ ନଜର ଦବା ସେସବୁ ଠିକରେ ରଖିବା ରତ୍ନାଙ୍କର କାମ - ମୋର ନୁହେଁ । ତଥାପି ମୋତେ ଲାଗୁଥିଲା ଟିକେ ବ୍ରସ୍ କରିଦେଇଥିଲେ ତା'ର ମୂଳ ରଙ୍ଗଟା ବୋଧହୁଏ ଆହୁରି ଉଜ୍ଜ୍ୱଳି ଉଠିଥାନ୍ତା । ଏତେ ସବୁ ଭିତରେ ତା ମୁହଁକୁ ଆଉଥରେ ମୁଁ ଅନେଇଦେଲି କ'ଣ ଗୋଟାଏ ଅଦ୍ଭୁଆ

ତଡ଼ୁଆ ଲାଗିଲା । କିଛି ଯେମିତ ସେଠି ଭୁଲଭାଲ ହୋଇଯାଇଛି । ଏତେ ସୁନ୍ଦର ମୁହଁରେ ଏଇ ବୟସରେ ଯେଉଁ ଗୋଟାଏ ସ୍ୱାଭାବିକ ଉଚ୍ଛ୍ୱାସର ତରଙ୍ଗ ଖେଳି ବୁଲୁଥାଏ - ସେଇଟା ଯେମିତ କୋଉଠି ହଜିଯାଇଛି । ସବୁ ସୁନ୍ଦର ସୁନ୍ଦର ଜିନିଷ ଏକାଠି ଖଞ୍ଜିଦେବାପରେ ବିଧାତା ବିଷାଦବୋଳା ହାତଟେ ସବୁ ଉପରେ କାହିଁକି ଯେ ବୁଲେଇନେଲା ମୁଁ ବୁଝିପାରୁନଥିଲି ।

ପେନ୍‌ଟାକୁ ଷ୍ଟାଣ୍ଡରେ ଥୋଇଦେଇ କହିଲି, 'ବସ' ।

'ଥେଙ୍କ୍ ୟୁ' ଅତି ସୁନ୍ଦର କଣ୍ଠଟେ ଲହରୀ ତୋଳି ଖେଳିଗଲା ଘରସାରା ଏବଂ ଆଉଥରେ ମୋତେ ମୁଗ୍ଧ କରିଦେଲା ।

'ହଁ, କୁହ । ମୋ ପାଖରେ କଣ କାମ ଥିଲା ? ଆଚ୍ଛା ପ୍ରଥମେ ତୁମ ପରିଚୟ ଦିଅ ।' ମୁଁ ଅନୁସନ୍ଧିତ୍ସୁ ହୋଇଯାଉଥିଲି ।

'ମୁଁ....ମୁଁ... ମୋ ମା... ନାଇଁ... ମୁଁ ସ୍ୱର୍ଗତଃ ଅନିରୁଦ୍ଧ ରାୟଙ୍କର ପୁଅ । ଗୋଟିଏ ବୋଲି ପୁଅ ପପୁନ୍ ।' ଆରମ୍ଭରୁ ନିମ୍ନର ଶୁଣାଯାଉଥିବା ସ୍ୱରଟା ଶେଷ ଆଡ଼କୁ ବେଶ ଟାଣ ଶୁଣାଯାଉଥିଲା । ମୁଁ ବି ଆଶ୍ଚର୍ଯ୍ୟ ହେଉଥିଲି । ମା'ର ନାଁ କହିବାକୁ ଆରମ୍ଭ କରିଥିବା ପିଲାଟି ହଠାତ୍ ସ୍ୱର୍ଗତ ପିତାଙ୍କ ପରିଚୟରେ ପରିଚିତ ହେବାକୁ ଚାହିଁଲା କାହିଁକି ?

'ଓ ହୋ - ତୁମେ ଆମ ମୋନାର ପୁଅ ? କହୁନ ସେ...' ମୋ କଥା ସରିବାକୁ ନ ଦେଇ ଏକ ପ୍ରକାର ଛଡ଼େଇ ନେଇ ସେ ଝାମ୍ପିପଡ଼ିଲା ପରି କହିଲା, 'ମୋନା ନୁହେଁ ସାର୍ ମିନା - ମୋ ମା ନାଁ ମିନା । ମିନା ରାୟ । ମୋ ଅଜା, ଆଇ, ମାଉସୀ, ମାମୁଁ, ଜେଜେ,ଜେଜୀମା ସମସ୍ତେ ତାକୁ ମିନା ମିନା ବୋଲି ଡାକନ୍ତି । ସେ ମୋନା କେବେ ହେଲା ?'

ଏ ପ୍ରକାର ଅବାଞ୍ଛିତ ଆକ୍ରମଣରେ ମୁଁ ଚମକି ପଡ଼ିଲି । ମୋନା ଯେଉଁଦିନ ନିଜକୁ ମୋ ସହ ପରିଚିତ କଲା ସେ ଦିନ ସେ ନିଜ ନାଁ ମିନତି ରାୟ, ୱାଇଫ୍ ଅଫ୍ ଅନିରୁଦ୍ଧ ରାୟ ବୋଲି କହିଥିଲା । ଏଣୁ ତା ଡାକ ନାଁ 'ମୋନା' କି 'ମିନା' ମୋର ଜାଣିବାର ଉପାୟ ନଥିଲା କି ଇଚ୍ଛା ବି ନଥିଲା । ମୋ ଅଫିସରେ ବେଶ୍ ପୁରୁଣା ହେଲାପରେ ଦିନେ ସିଏ ନିଜେ ହିଁ ସାମାନ୍ୟ ଗେହ୍ଲେଇ ହେଇ କହିଥିଲା, 'ସାର୍, ଆପଣ ମୋ ଡାଡ଼ିଙ୍କ ବୟସର । ମୋତେ ମିନତି ଡାକନ୍ତୁ କିମ୍ବା ମୋନା ଡାକନ୍ତୁ । ସେଇଟା ମୋ

ଡାକ ନାଁ । ମୁଁ ସେଇଦିନଠୁ ତାକୁ ମୋନା ବୋଲି ହିଁ ଡାକେ । ମୁଁ କେମିତି ଜାଣିଥାନ୍ତି ତା' ବାପାମାଆ କିମ୍ବା ଶାଶୁଶଶୁର ତାକୁ କେଉଁ ନାଁରେ ଡାକୁଥିଲେ ?

ଅନିରୁଦ୍ଧ ମୋ ଅଫିସରେ ସିନିୟର୍ ଆସିଷ୍ଟାଣ୍ଟ ଥିଲା । ବେଶ୍ ମାର୍ଜିତ ଭଦ୍ର ଚେହେରା ତଳେ ଏକ ବିଚିତ୍ର କୁତ୍ସିତ କାଣ୍ଡ ସବୁ ଲୁଚି ରହିପାରେ ମୁଁ ତାକୁ ନ ଦେଖିଥିଲେ ବୋଧହୁଏ ସାରା ଜୀବନ ଜାଣିପାରି ନଥାନ୍ତି । ଅଫିସରେ ସେ ବେଶ୍ କର୍ମଠ ଥିଲା । ଆଜିର କାମ ଆଜି ହିଁ ସାରି ଦେଉଥିଲା । ମୁଁ ଏଠିକି ଟ୍ରାନ୍ସଫର୍ ହୋଇ ଆସିବା ବେଳେ ନୂଆ କ୍ୱାର୍ଟର ସଜାଡ଼ିବାରେ ସେ ହିଁ ସବୁଠୁ ବେଶୀ ମୋତେ ସାହାଯ୍ୟ କରିଥିଲା । ସେଇଥିପାଇଁ ମୋ ଅପେକ୍ଷା ରତ୍ନାଙ୍କର ବେଶି ପ୍ରିୟ ହୋଇଯାଇଥିଲା । ପୂଜାପର୍ବରେ ପିଠାପଣା ଖୁଆଇବା ଠାରୁ ତା'ର ଭଲମନ୍ଦ ବୁଝିବା ପାଇଁ ରତ୍ନା ବେଶ୍ ତତ୍ପର ଥିଲେ । ହେଲେ ଅଦ୍ଭୁତ, ଯେତେ କହିଲେ ବି ସେ କେବେ ତା'ର ସ୍ତ୍ରୀ କିମ୍ବା ପିଲାଙ୍କୁ ନେଇ ଆମ ଘରକୁ ଆସୁନଥିଲା । କେବେ କେମିତି ଖୁସିରେ ଯଦି ରତ୍ନା ଟିଫିନ୍‌ରେ ଭରି ଦେଉଥିଲେ ଛୁଞ୍ଚିପତ୍ର ପିଠା କି ପଣସକଠା ବରା କିଛି ନ ହେଲେ ହାତ ତିଆରି ଗୋଲାପଜାମୁ ବା ନିମକିଡ଼ ଭଜା କିଛି ନା କିଛି ବାହାନାରେ ସେ ତାକୁ ଘରକୁ ନେଉନଥିଲା । କେବେ କହୁଥିଲା ସେମାନେ ମାମୁଁ ଘରକୁ ଯାଇଛନ୍ତି ତ କେବେ ପୁଅର ପେଟ ଭଲନାହିଁ । ଏଗୁଡ଼ା ନେଲେ ସେ ଖାଇଦେବ ପୁଣି ବେଶୀ ଦେହ ଖରାପ କରିବ । ଧିରେ ଧିରେ ରତ୍ନାଙ୍କ ଭଳି ସର୍ବଂସହା ବି ବିରକ୍ତ ହୋଇ ଉଠୁଥିଲେ । କହୁଥିଲେ, 'କି ଅଦ୍ଭୁତ ଲୋକଟା ଦେଖ, ନିଜ ସ୍ତ୍ରୀ ପୁଅ ପାଇଁ ପିଠାଟେ କି ମିଠାଟେ ନେଲା ବେଳକୁ ତାକୁ କଷ୍ଟ ହେଉଛି ?' ଏ ସବୁ ପାରିବାରିକ କଥାରେ ମୁଣ୍ଡ ପୁରେଇବା ପାଇଁ ମୋର ବେଳ ନଥାଏ କି ମନ ବି ନଥାଏ । ରତ୍ନାଙ୍କର କିନ୍ତୁ ଏକା ଜିଦ୍, 'ଥରେ ବୁଝ ତା' କଥା - ସ୍ତ୍ରୀ ପିଲାଙ୍କୁ ପସନ୍ଦ କରୁନି ନା କଣ - ନା ଆଉ କିଛି ଅସୁବିଧା ଅଛି ? ଯେତେବେଳେ ସେମାନଙ୍କ କଥା ଉଠେଇଲା ବେଳକୁ ଏମିତି ଏଡ଼ାଇ ଯାଉଛି କାହିଁକି ସେ ?'

ମୁଁ ତାଙ୍କ କଥାରେ ମୁଣ୍ଡ ଖେଳାଏନି । ଆରେ ବାବା, ଯାହା ଘରେ ଯାହା ହେଲା ମୋର ସେଥିରେ କଣ ଯାଉଛି ? ସମାଜସେବା କରିବାର ଇଚ୍ଛା ମୋର ନଥିଲା । ଏଣୁ ତାଙ୍କ କଥାକୁ ମୁଁ ଏଡ଼ାଇ ଯାଉଥିଲି । ହେଲେ ସେ ଯେତେ ଆଧୁନିକା ହେଲେ ବି ତାଙ୍କର ଯେ ସ୍ତ୍ରୀ ଲୋକ ସୁଲଭ ଅନୁସନ୍ଧିତ୍ସୁ ଗୁଣ ନଥିଲା ତା'ତ ମୁଁ କହିପାରିବିନି । ଖୋଜି ଖୋଜି ଯାଇ କୋଉ ସୂତ୍ରରୁ କ'ଣ ପାଇଲେ କେଜାଣି ଦିନେ

ଅଫିସରୁ ଫେରି ମୁଁ ଗ୍ଲ ପିଉ ପିଉ କହିଲେ, 'ଜାଣିଛ, ଏ ଅନିରୁଦ୍ଧ କଥା - ମୁଁ ଠିକ୍ ଭାବିଥିଲି । ଉପରେ ଉପରେ ଚିକ୍କଣ ଚେହେରା ଭିତରେ ପକ୍କା ସଇତାନ । ଏତେ ଦରମା ପାଉଛି, ନିଜେ ଏତେ ଚକ୍ ଚକ୍ ରୂପ ସଜଉଛି - ଭିତର ଦେଖ । ସ୍ତ୍ରୀ ପୁଅଙ୍କୁ ପଗ୍ଗରେନି । ଏଠିକି ଆଣିନି ବି । ଗାଁରେ ବୁଢ଼ୀ ଶାଶୁ ସହିତ ରହୁଛି ସ୍ତ୍ରୀ ଲୋକଟା । ଜମିବାଡ଼ି ଟିକେ ବି ନାହିଁ । ଖୁବ୍ କଷ୍ଟରେ ସେମାନେ ଚଳୁଛନ୍ତି । କ'ଣ ଟିକେ ସିଲେଇପତ୍ର କରି କାହା ପିଲାଙ୍କୁ ଟ୍ୟୁସନ କରି ପୁଅଟାକୁ ପଢଉଛି ସେ । ଆଉ ଇଏ, ଏଠି ମାସକୁ ମାସ ଗୋଟାଏ ଲେଖାଏଁ ହିରୋଇନ୍ ବଦଳ କରି ଦୁନିଆ ନିଶାରେ ବୁଡ଼ି ବୁଡ଼ି ଅୟସ୍ କରୁଛି । ଛି... ।'

ଘୃଣାରେ ସିହ୍ଲାରି ଉଠୁଥିଲା ରତ୍ନାଙ୍କ ଦେହରେ । ମୁଁ ଅବାକ୍ । ଇଏତ ଘରୁ ବାହାରିବା ଲୋକ ନୁହନ୍ତି - କୁଆଡୁ ପାଇଲେ ଏତେ ସବୁ ଖବର ? ଏଗୁଡ଼ାକ ପୁଣି ସତ ନା ମିଛ । ମନ ପଢ଼ିପାରନ୍ତି ରତ୍ନା । କହିଲେ, 'ଆଜି ତୁମ ଅଫିସର... କି ଦାସ୍ କୁହ ତ... ।'

'ଶ୍ରୀ କୃଷ୍ଣ ଦାସ...' ମୁଁ କହିଲି ।

'ହଁ, ତାଙ୍କ ସ୍ତ୍ରୀ ଆସିଥିଲେ ଆମ ଘରକୁ । ତାଙ୍କ ସହିତ ଆଉ ଦି'ତିନି ଜଣ ସ୍ତ୍ରୀ ଲୋକ ଆସିଥିଲେ । ସେଇମାନେ ଗଳି ଗଳି ଗାଉଛନ୍ତି ଯା'ର ପୁରାଣ । ମୁଁ ଆଶ୍ଚର୍ଯ୍ୟ ହୋଇ ଶୁଣୁଛି । ଯାହା ଶୁଣିଲି, ଦେଖ କେବେ ଶୁଣିବ । ଏଇଟାକୁ ଏଡ଼ସ ହେଇ ଯାଇଛି । ବୟସର ବାଛ ବିଗ୍ଗର ବି ନାହିଁ । ଚଉଦରୁ ଚଉବନି ଯିଏ ବି ହେଲେ ତା'ର ଚଳିବ । ଖାଲି ତା'ର ଯୋଗ୍ୟତା ହେଲା ସେ ସ୍ତ୍ରୀ ଲିଙ୍ଗ ହେଇଥିବ । ଛି... ।'

ଅନିରୁଦ୍ଧକୁ ଏଡ୍ସ ହେଇଛି ଶୁଣିବା ଯାଏଁ ଅପେକ୍ଷା କରିବାକୁ ପଡ଼ିଲାନି । ଦିନେ ଖୁବ୍ ମଦ ପିଇ ପ୍ଲସ୍ ତ୍ରୀ ସେକେଣ୍ଡ୍ ଇୟରର ଗୋଟିଏ ଝିଅକୁ ବାଇକ୍ ପଛରେ ବସେଇ ଉଡ଼ଉଥିବା ବେଳେ ରାସ୍ତା କଡ଼ର ଶିମୁଳି ଗଛଟାରେ ଜୋରରେ ବାଡ଼େଇ ହେଇଗଲା । ସେଇଠି ସ୍ପଟରେ ସବୁ ଶେଷ । ଆମ ଅଫିସରୁ ତା'ଗାଁକୁ କିଛି ସହକର୍ମୀଙ୍କୁ ପଠାଇଥିଲି । ସେମାନଙ୍କ ହାତରେ ଅନ୍ତ୍ୟେଷ୍ଟିକ୍ରିୟା ଏବଂ ଦଶାହ ପାଇଁ କିଛି ଟଙ୍କା ଦେଇଥିଲି । ମୋ ନିଜ ତରଫରୁ ବି ଦଶହଜାର ଟଙ୍କା ଦେଇଥିଲି । ତା ସ୍ତ୍ରୀ' ପୁଅଙ୍କ ଚଳିବା ପାଇଁ ।

ଅନିରୁଦ୍ଧ ଯିବାର ପ୍ରାୟ ଚାରିମାସ ଖଣ୍ଡେ ପରେ ଆଗରୁ କିଛି ନ କହି କି ସ୍ଲିପ୍ ନ ପଠେଇ ହରିନାଥ ସ୍ତ୍ରୀ ଲୋକଟାକୁ ଧରି ପଶିଆସିଲା । ଦେଖିଦେଇ ତାକୁ ମୁଁ ଦଣ୍ଡେ ରହିଗଲି । ଦାରିଦ୍ର୍ୟ ଅଭାବ ସତେ ଯେପରି ମଣିଷଟିକୁ ନିଜ ଭିତରେ ଲୁଚେଇ ଦେଇଛି । ଅତି ସୁନ୍ଦରୀ ସ୍ତ୍ରୀ ଲୋକଟିଏ । ଦେହରେ ଧଳା ଶାଢ଼ୀ । ସଫା କିନ୍ତୁ ଠାଏ ଠାଏ ଚିରା ସେ ଶାଢ଼ୀଟା । ମୁଣ୍ଡର ବାଳ ଯଦିଓ କୁଣ୍ଡା ହୋଇଛି, ହେଲେ ଯତ୍ନରେ ନୁହେଁ । ଘରୁ ବାହାରକୁ ଯିବାବେଳେ ମୁଣ୍ଡରେ ପାଣିଆ ମାରିବା ନ୍ୟାୟରେ ହିଁ ମୁଣ୍ଡ କୁଣ୍ଡେଇ ଦିଆଯାଇଛି । ହାତ, କାନ, ବେକ ପୂରା ଖାଲି । କଳାସୂତା ବି ନଥିଲା ବେକରେ । ଆଖିରେ ଉଦାସ ଚାହାଣୀ । ଏଇ ସାଙ୍ଗେ ସାଙ୍ଗେ କାନ୍ଦିଛି ବୋଧହୁଏ । ଆଖିଗୁଡ଼ା ଫୁଲିଲା ଫୁଲିଲା ପରି ଲାଗୁଛି । ପତାଗୁଡ଼ାକ ଲାଗି ଲାଗି ଯାଇଛି । ଆଖି ତଳ ଓଦା ।

ବିନା ଅନୁମତିରେ ପଶି ଆସିଥିବାରୁ ହରିନାଥ ତରତର ହେଇ କୈଫିୟତ୍ ଦେଉଥିଲା, 'ସାର୍, ଇୟେ ଆମ ଅନିରୁଦ୍ଧର ସ୍ତ୍ରୀ । ଆପଣଙ୍କୁ ଦେଖା କରିବାକୁ ଗାଁରୁ ଆସିଛି ।'

ସାଙ୍ଗେ ସାଙ୍ଗେ ନରମି ଗଲି ମୁଁ । ଚେୟାର ଦେଖାଇ ବସିବାକୁ କହିଲି । ଚା' ପାଇଁ ହରିନାଥକୁ କହୁ କହୁ ସେ କହିଲା, 'ନାଇଁ ସାର୍, ଚା' ଅଭ୍ୟାସ ଏ ପର୍ଯ୍ୟନ୍ତ କରିନି ମୁଁ । ଏ ସବୁ ମୋ ପାଇଁ ବିଳାସ, ଏବଂ ବିଳାସ କରିବା ପାଇଁ ଅର୍ଥ ଆବଶ୍ୟକ ।'

ତା କଥା କହିବା ଶୈଳୀରେ ମୁଁ ଚମତ୍କୃତ ହେଲି । କିଛି ନ କହି ବି ସେ ମୋତେ ଦେଖାଇଦେଲା ତା ଦାରିଦ୍ର୍ୟର ଛବି । ପଚାରିଲି, 'ମୋ ପାଖରେ କିଛି କାମ ଥିଲା ?'

ଅବଶିଷ୍ଟାଂଶ ଆଗାମୀ ସଂସ୍କରଣରେ....

# ସବୁ ତୁମର ପାଇଁ

ଅନସୂୟା ପଣ୍ଡା



ଗୋଟେ ଯୁଦ୍ଧ ଚାଲିଛି,

ଏକ ତରଫା ଯୁଦ୍ଧ ।

ଏ ଯୁଦ୍ଧ ଜିତିବା ପାଇଁ ନୁହେଁ

ବିଚ୍ଛେଦର ଲୁହ ବୁହାଇବା ପାଇଁ ନୁହେଁ

ଏ ଯୁଦ୍ଧ ତୁମକୁ ପାଖରେ ପାଇବାର

ମିଳନର ସପ୍ତସ୍ୱରକୁ ପଞ୍ଚମ ରାଗରେ

ଗଢ଼ି ତୋଳିବାର,

ବର୍ଷାରେ କଦମ୍ବ ଫୁଲର ମହକ

ଆଘ୍ରାଣ କରିବାର ଯୁଦ୍ଧ ।

ତୁମେ ଆସିବ, ମୋତେ ନେବ,

ଏଇ ପାଞ୍ଚଜନ୍ୟ କରି ମୁଁ ଯୁଦ୍ଧର

ଆହ୍ୱାନ ଦେଉଥିଲି ।

ତୁମେ ଗାନ୍ଧିଜୀଙ୍କ ଚିଠିମାଙ୍କଡ଼ର

ନୀତି ନେଇ ଯୁଦ୍ଧକୁ ଆସୁଥିଲି ।

ପ୍ରତିଦିନ ସେଇ ଗୋଟିଏ କଥା

ଅସମ୍ଭବର କବତା ।

ତା ସାମନାରେ ଧୈର୍ଯ୍ୟର ଦୁର୍ଗମ ପ୍ରାଚୀର,

ସବୁ ହୁଙ୍କାର ଶବ୍ଦ ଚୁର ଚୁର

ହୋଇ ଯାଉଥିଲା ।

ଅପେକ୍ଷାର ରାସ୍ତା ଲମ୍ବି ଲମ୍ବି ଯାଉଥିଲା ।

ଅସ୍ଥିରତାରେ ମୁଁ ଯେତକ ଛନ୍ନ ବଛନ୍ନ

ହୋଇ ଯାଉଥିଲ,

ନରବରେ ନ ଫେରବାର ମନ୍ତ୍ରରେ ତୁମେ

ସେତକ ଅଟଳ ଥିଲ ।

ମୁହୂର୍ତ୍ତ, ଦନ, ମାସର ପରାଜୟ ଗ୍ଳାନ

ସତ୍ତ୍ୱେ ମୁଁ ତୁମ ସହ ଉଷ୍ଣ ନୀଡ଼

ରଚନା କରୁଥିଲ ।

କଳ୍ପନାରେ ଦୂରତାର ସୀମା ଟପି

ତୁମ ସହ ମାନସର ମିଳନ କର

ଆଶ୍ୱସ୍ତି ହେଉଥିଲ ।

ବେଳେ ବେଳେ ଭାବୁଥିଲ ନା ଆଉ ପାରବନ

ନରବ ରହଯିବ ।

କଣ ବା ଆବଶ୍ୟକ ଶବ୍ଦର

ଯେଉଁଠି ଅକ୍ଷରର ପରଚୟ ନାହିଁ

କଣ ଆ ଲୋଡ଼ା ଆଲୋକର

ଅନ୍ଧର କ ଚକ୍ଷୁଥାଏ ?

କଣ ବା ଦରକାର ଯୁଦ୍ଧର

ସେଥିରେ କ ସମାଧାନ ଥାଏ

ନା ମନ ଜଣି ହୁଏ ?

ତଥାପି ମିଳନର ଆଲୋକକୁ

ପ୍ରଜ୍ଜ୍ୱଳତ କରବାପାଇଁ

ନତ ଯୁଦ୍ଧର ଡାକରା ଦଏ

ତୁମ ସହ, ତୁମର ପାଇଁ,

ସବୁ ତୁମର ପାଇଁ ।

ଚେନ୍ନାଇ, ତାମିଲନାଡୁ

# ଗଣିତ

ପୃଥ୍ୱୀରାଜ ପାତ୍ର



ମୋ ମନକୁ ହରଣ କରନେଲ

ସେଦନର ପ୍ରଥମ ଦେଖାରେ

ତା ପରେ ଖୁସି କୁ ମୋ ବଢ଼େଇଦେଲ

କେତେ ଗୁଣ ଯେ ମୁଁ ତାକୁ ବସି ବସି

ଗୁଣୁଥିଲ ହସାବ ଖାତାରେ ।୧ ।

ହରଣ ଗୁଣନ ସରବାପରେ

ମୋ ମନଟା ଫେଣ୍ଟି ହୋଇଗଲ୍

ତମ ମନ କ୍ଷୀର ସାଗରରେ

ଟୋପାଏ ଜଳ ଆକାରରେ ।୨ ।

ତା ପରେ କଣ ହେଲ୍ ଯେ

ତୁମେ ଦୂରକୁ ଗ୍ଲଲଗଲ

ଏମିତ କ ଦେଖା ବ ଦେଲନ

ମୁଁ ରହଛ ମୋ ଭତରେ

ଏକ ବୟୋଗାତ୍ମକ ଦୃଶ୍ୟପଟରେ ।୩ ।

ମୋବାଇଲ୍ - ୯୪୩୭୭୭୧୬୯୧

# ଅନାମିକା

ରଞ୍ଜନ କୁମାର ସ୍ୱାଇଁ



ମୋ ହୃଦୟରେ ଆଣିଦେଲ ଶୂନ୍ୟତା
ତୁମେ ଅନାମିକା ।
ଅମାନଆ ମନରୁ ଲଭୁନ
ତୁମ ସ୍ମୃତ ରେଖା ।୧ ।
କାଳର ପ୍ରହାର ଭଙ୍ଗିପାର ନାହିଁ
ତୁମର ସ୍ମୃତ ସ୍ତମ୍ଭ,
ଛଇପର ତୁମେ ଲାଖି ରହଅଛ
ମତେ ଛଡ଼ି କେବେ ଯିବ ? ।୨ ।
ତରୁଣ ବୁକୁର ସାଧା କାଗଜରେ
ପଡ଼ିଥିଲା ତୁମ ଛପ,
ସ୍ୱପ୍ନ କୁଟୀରର ରାଣୀ ସାଜଥିଲା
ତୁମର ସରଳ ରୂପ ।୩ ।
ତମ ସାଥେ ମୁହିଁ ଗଢ଼ି ଚାଲଥିଲ
କେତେ ଯେ କଳ୍ପନା ଗଡ଼,
ଚୁରମାର୍ କର ଭଙ୍ଗିଦେଇଗଲା
ସମୟର ବାଲଝଡ଼ ।୪ ।
ଅଲଗା ଅଲଗା ରାସ୍ତାରେ ଆମେ
ହେଇଗଲୁ ଏବେ ଯାତ୍ରୀ,
ଯେଉଁଠି ବ ଥାଅ ଭଲରେ ଥାଅ
ହସୁଥାଅ ଦବାରାତ୍ରୀ ।୫ ।
ଆଜଯାଏଁ ଯାହା ଲଭପାର ନାହିଁ
ଲଭବନ ସ୍ମୃତରେଖା,
ମର୍ଯ୍ୟାଦାର ଗାର ଟପିବନ କେବେ
ତୁମେ ଥିବ ଅନାମିକା ।୬ ।

# ବେଦରଦୀ ପ୍ରେମ

ଶିଶିର କୁମାର ସାମଲ



ଜୀଇଁବାରେ ଆଶା ରଖି ଭଲ ମୁଁ ପାଇଲ ,,
ଫୁଲଟିଏ ଖୋଜୁଖୋଜୁ କଣ୍ଟା ମୁଁ ପାଇଲ ..
କଣ୍ଟାକୁ ମୁଁ ସାଥୀ ଭବ ଆପଣାଇ ନେଲ ,,
ବେଦରଦୀ ସାଥୀ ପାଇଁ ଯାତନା ସହଲ...

ହୃଦୟରେ ସାଥୀ ତତେ କରଥିଲ ରାଣୀ,,
ଛଳନା ର ପ୍ରେମ ରେ ତୁ ଦେଲୁମତେ ହାଣୀ...
ହୃଦୟକୁ ମୋର ସାଥୀ ଆଘାତ ତୁ ଦେଲୁ ,,
ପ୍ରେମ ନାମୀ ଯୂଇ ରେ ତୁ ଜାଳ ମାରଦେଲୁ...

ଭବଥିଲୁ ଜଳଜଳ ପାଉଁଶ ମୁଁ ହେବ,,
ପାଉଁଶ ହେଲେବ ତତେ ଭଲପାଉଥିବ...
ଜୀବନରୁ  ମୋତେ ସିନା ଦେଲୁ ତୁ ଦୂରେଇ ,,
ହୃଦୟରେ ତୋର ସାଥୀ ଗଲ ମୁଁ ଯେ ରହ....

ପ୍ରେମ ମୋର ମିଛନୁହେଁ ଖାଉଛ ମୁଁ ରାଣ,,
ତୁମପାଇଁ ହସିହସି ସହବ ମରଣ.....

କେମିତ କହବ ସାଥୀ ପାରୁନ ମୁଁ ଜାଣି,,
ତୁମପାଇଁ ମିଛ ହେଲା ମୋ ପ୍ରେମ କାହାଣୀ...

ଭଲପାଇବାର ବାଜ ଗଲ ମୁଁ ଯେ ହାର,,
ଦୁନଆଁରେ ମିଛହେଲା ପ୍ରେମ ଯେ ମୋହର ...
ପାରଲନ ଜାଣି ତୁମ ଛଳନା ପ୍ରେମକୁ ,,
କାହାଣୀ ମୋ ରହଗଲା ଆର ଜନମକୁ...

ମୋବାଇଲ୍ - ୭୮୯୪୦୭୦୬୬୬

ଦଶମ ବର୍ଷ, ଅଷ୍ଟମ ସଂଖ୍ୟା
ଅଗଷ୍ଟ, ୨୦୧୫



# କାଷ୍ଟିଙ୍ଗ୍ କାଉଚ୍

ହମାଂଶୁ ଶେଖର ବାରକ



ଉଚ୍ଚ ଅର୍ଜନ ଉଚ୍ଚ ଆସନ ଉଚ୍ଚ ଅଭଳାଷ  ପାଇଁ
ଆଜ ତରୁଣୀ କରବାକୁ କଛି ସରମ ନ ମଣଇ ॥
ଫାଇଦା ଏହାର ନେବା ପାଇଁ,  ଅଛନ୍ତ ଜଗି ଶିକାରୀ
ବଲଉଡ଼  ଆଉ  ଓଲଉଡ଼ରେ ମାୟା ଜାଲ  ବସ୍ତାର ॥
ସଦ୍ୟ  ପ୍ରକାଶିତ କୋରଓଗ୍ରାଫର କଳା କାରନାମା
କାଷ୍ଟିଂ କାଉଚ୍ ଲୁବୁନ୍  ହୀନ ଓଲଉଡ଼ ଶିରୋନାମା ॥
ସିନେମା ଆଲବମରେଏହା ହୋଇଲ୍ ଶିରଗଣେଶ
ରଅଲଟି  ସୋ’ରେ ହରୋଙ୍କର ମେଣ୍ଟାଉଛ କାମଶୋଷ ॥
ଅଭନେତ୍ରୀ ଆଉ କଣ୍ଠଶିଳ୍ପୀ  ଖ୍ୟାତ ହେବାର ସପନ
ଦୂରଦରଶନ ରଅଲଟି  ସୋ’ରେ  ଦେଇ  ଅଡ଼ିସନ ॥
କରେ ବଶ୍ୱରକ ମଞ୍ଚେ, ଯୁବା ତରୁଣୀକୁ  ଆଲଙ୍ଗନ
ଆଧୁନକତା ନାମେ କପୋଳେ ବରଷି ଯାଏ ଚୁମ୍ବନ ॥
ବନା  ସହମତରେ  କରନ୍ତ  କାମନା  ପରପୂରଣ
ବଳାତକାର  ନ  କହବାର  ବୁଝି ହୁଏନା କାରଣ  ॥
ନାରୀ ତନୁ ଉପଭୋଗ ବସ୍ତୁ ବୋଲ ପୁରୁଷ ଭାବଇ
କରେ ନର୍ଯ୍ୟାତନା ତାକୁ, ତଳେ ପଶ୍ଚାତାପ ନ କରଇ ॥
ବସ୍ମୃତ ହୋଇଛ ନାରୀ, ତାର ହୃତ ଗୌରବ ଅତୀତ
ପୂର୍ବଜ  ଯାହାଙ୍କୁ  କରୁଥିଲେ ମାତୃ ରୂପରେ ପୂଜତ ॥
ହେ ମାତୃଜାତ ତୁମ ପାଦେ କରେ ବନୀତ ଅନୁରୋଧ
ପାଶ୍ଚାତ୍ୟ ସଭ୍ୟତା ମାୟାଜାଲରୁ ହୁଅ ବନ୍ଧନ ମୁକ୍ତ  ॥
ଭାରତ ମାଟିର ଆଦର୍ଶ ସୀତା ସାବତ୍ରୀ ଦମୟନ୍ତୀ
ବଳଷ୍ଠ ଚରତ୍ର  ବଳେ ବଳ କାଳ ଭାଗ୍ୟ ଥିଲେ ଜତ  ॥
ନାରୀର ଗୌରବ ସମ୍ମାନେ ସମାଜ ହେବ ଉତଥାନ
ଦୂର ହେବ ହଂସା ବ୍ୟଭଚାର ଆଉ ଅପକର୍ମ ମାନ  ॥

# କବିତା

ଅନୁପମ ବେହେରା



ସାଢେ ୩ଟା ରୁ ମୁଁ ବସ୍‌ଙ୍କୁ କହ ବାହାରଯାଏ ଅଫିସ୍‌ରୁ । ଯେମିତହେଲେ ମୋତେ ୪ଟା ସୁଦ୍ଧା ପହଞ୍ଚିବାକୁ ପଡ଼ିବ ତା ଅଫିସ୍‌ରେ । ନ ହେଲେ ସେ ରଗିଯିବ । ଅଭମାନ କରବ । ମୁଁହ ଫୁଲେଇବ । ଆଉ ତାକୁ ମନେଇବା ପାଇଁ ମୋତେ ପୁଣି ଆବୃତ୍ତି କରବାକୁ ହେବ କବତା ।

ସତରେ ! ଏଇ “କବତା” ଶବ୍ଦଟିକୁ ନେଇ ଭାର ଅଦ୍ଭୁତ ସଂଯୋଗ ଘଟିଥିଲା ମୋ ଜୀବନରେ । ମୁଁ କବତା ଲେଖିବାକୁ ଭାର ଭଲ ପାଉଥିଲ ତଥା ମୋର ପ୍ରତଟି କାହାଣୀର ନାୟିକାର ନାମ ଥିଲା କବତା । ଆଉ ଶେଷରେ ମୋ ବାହାଘର ବ ଠିକ୍ ହେଲା କବତା ନାମ୍ନୀ ଏଇ ଝିଅଟି ସାଥିରେ । ତେବେ ବାହାଘର ପରେ ମୋ ଖୁସିର ସୀମା ରହଲାନ ଯେବେ ମୁଁ ଜାଣିଲ କବତାକୁ ମୋ କବତା ପଢ଼ିବାକୁ ଭାର ଭଲ ଲାଗେ ।

ତା ପର ଠୁ ଯେବେ ବ ସେ ରଗେ ମୁଁ ତା'କୁ ଦୁଇ ତନଟା କବତା ଶୁଣେଇ ମନେଇଦଏ ।

- ସରି ! ଟିକେ ଲେଟ୍ ହେଇଗଲା । (ସେ ହସି ହସି କାନଧର କହଲା ।)

ମୋ ଅତୀତର ଜୁଆରରେ ଭଟ୍ଟା ପଡ଼ିଗଲା ତା କଥାଶୁଣି । ସେ ସେତେବେଳକୁ କାର୍‌ରେ ବସିସାରଥାଏ ।

- ଆରେ ! ତୁମେ କେତେବେଳେ ଆସିଲ ?
- ଯେତେବେଳେ ତୁମେ ମୋ କଥା ଭାବୁଥିଲ ।
- ତୁମେ କେମିତ ଜାଣିଲ ମୁଁ ତୁମ କଥା ଭାବୁଥିଲ ବୋଲ ?

- ତୁମ ଆଖିକୁ ପଢ଼ି ।
- ମୋତେ ବାହାହେଲା ପରେ ତୁମେ ବ କବ ପାଲଟିଗଲଣି ବୋଧେ ।
- ନା ! ମୁଁ କବତା । ଆଉ ତୁମେ ମୋର କବ । (ସେ ଟିକେ ଭାବପ୍ରବଣ ହୋଇ କହଲା ।)
- ଆଚ୍ଛା ! ଛାଡ଼ ସେ କଥା । ଆଜ କୁଆଡେ ଯିବା ? (ମୁଁ କାର୍ ଷ୍ଟାର୍ଟ୍ କରୁ କରୁ ପଚାରଲ ।)

ସେ ମୋ ଉପରେ ଆଉଜପଡ଼ି ଗେହ୍ଲେଇହୋଇ କହଲା, "ଯୁଆଡ଼େ ତୁମର ଇଚ୍ଛା ।"

ମୁଁ କାର୍ ଛୁଟେଇଲ ସମୁଦ୍ର କୂଳଆଡ଼େ । ଗାଡ଼ିଟାକୁ ପାର୍କ କର ଦୁହେଁ କାର୍‌ରୁ ଓହ୍ଲେଇ ହାତ ଧରାଧର ହୋଇ ଚାଲଲୁ ସମୁଦ୍ର ଆଡ଼କୁ ।

- କଛ ଖାଇବ ? (ସେ ପଚାରଲା )
- ଇଚ୍ଛା ନାହିଁ ।
- ତମେ ତ ! ସବୁବେଳେ ସେମିତଆ । ଖାଇବାକୁ ଇଚ୍ଛାଥିବ ତଥାପି ମନା କରବ ।
- ଆରେ ! ନା ମ... ଆଜ ସତରେ ଇଚ୍ଛା ନାହିଁ ।

କନ୍ତୁ ସେ ବାଧ କରେ । ଆଇସ୍‌କ୍ରମ୍ ଖାଇବାକୁ ଜଦ୍ କରେ । ପାଖରେ ଥିବା ଠେଲାଗାଡି ପାଖକୁ ଦୁହେଁ ଯାଉ ।

- ତୁମେ କ'ଣ ଖାଇବ ?
- ଯାହା ହେଲେ ବ ଚଳବ ମୋର ।
- ଭାଇ ! ଦୁଇଟା ଆଇସ୍‌କ୍ରମ୍ ଦଅ । ଭାନଲା ।

ଆଇସ୍‌କ୍ରମ୍ ବାଲା ବଲବଲ କର ଅନାଏ ମୋ ମୁହଁକୁ ।

ଭାଇ ! ଜଲଦ ଦଅ । କ'ଣ ଦେଖୁଛ ?

ସେ ଦୁଇଟା ଆଇସ୍‌କ୍ରମ୍ ଧରେଇଦଏ ମୋ ହାତରେ । ମୁଁ କବତାକୁ ଗୋଟାଏ ଦେଲାବେଳକୁ ତା ହାତରୁ ଖସିପଡ଼େ ଆଇସ୍‌କ୍ରମ୍‌ଟା ।

- ରୁହ ! ଆଉ ଗୋଟେ ଆଣୁଛୁ ।
- ନା ଥାଉ ! ତୁମ ଆଇସ୍‌କ୍ରିମ୍‌ରେ ତ ଅଧା ଭାଗ ମୋର ନା ।

ତା କଥା ଶୁଣି ଭାରି ହସ ଲାଗେ ମୋତେ ।

- ସାର୍ ! ଆପଣ କାହା ସାଥିରେ କଥା ହେଉଛନ୍ତି ? (ଆଇସ୍‌କ୍ରିମ୍ ବାଲା ମୋତେ ଆଶ୍ଚର୍ଯ୍ୟ ହୋଇ ପ୍ରଶ୍ନ କରେ ।)
- "ଚକୁଳି ଖାଇବା ଲୋକ ବନ୍ଧ କାହିଁକି ଗଣୁଛୁ ?" କହି ମୁଁ ତା'କୁ ତା ଆଇସ୍‌କ୍ରିମ୍ ପଇସା ଦିଏ ।

ଦୁହେଁ ଚାଲି ଚାଲି ଆସି ବସିଯାଉ ଅଳ୍ପ ଦୂରରେ ପଡିଥିବା ବେଞ୍ଚ୍ ଉପରେ । ତାପରେ ଆରମ୍ଭ ହୁଏ ତାର ଅସରନ୍ତି ଗପ । ତେବେ ମୋତେ କେବେ ବୋର୍ ଲାଗେନା ତା ଗପ ଶୁଣିବାକୁ । ମୁଁ ଭୁଲିଯାଏ ହାତରେ ଧରିଥିବା ଆଇସ୍‌କ୍ରିମ୍ କଥା । ସେ ଧିରେ ଧିରେ ତରଳି ନିଜ ଅସ୍ତିତ୍ୱ ହରେଇବସେ । ଖାଲି କାଠିଟାକୁ ହାତରେ ଧରି ମୁଁ ଅନେଇଥାଏ ତା ମୁହଁକୁ ।

- ଭାଇ ଘରକୁ ଯିବନି କି ? ଏଇଠି ଏକା ଏକା ବସି କାହା କଥା ଭାବୁଛ ?

ଗାର୍ଡ଼ର ଡାକରେ ତା ଗପ ବନ୍ଦ ହୁଏ । ମୁଁ ପଛକୁ ବୁଲିଲାବେଳକୁ ଗାର୍ଡ଼ ଜଣକ ଚାଲିଯାଉଥାନ୍ତି ଆଉ ଏକ ବେଞ୍ଚ୍ ନିକଟକୁ । ସୂର୍ଯ୍ୟ ଅସ୍ତ ହୋଇସାରିଥାଏ । ଷ୍ଟ୍ରିଟ୍ ଲାଇଟ୍‌ର ଆଲୋକରେ ଝଲସି ଉଠୁଥାଏ ସମୁଦ୍ର କୂଳଟା ।

ଦୁହେଁ ସେମିତି ହାତ ଧରାଧରି ହୋଇ ଫେରୁ ଗାଡ଼ିପାଖକୁ ।

- ରାତି ଖାଇବା ପାଇଁ କିଛି ନେଇଆସ । ଆଜି ରୋଷେଇ କରିବାକୁ ଇଚ୍ଛା ନାହିଁ ।
- ଯୋ ହୁକୁମ୍ ମେରେ ଆକା ।

ସେ ମୋର ଏଇ ଡାଏଲଗ୍ ଶୁଣି ଫିକ୍‌କିନା ହସିଦିଏ । ମୁଁ ପାଖ ହୋଟେଲ୍‌ରୁ ରାତିପାଇଁ ଖାଇବା ଆଣେ । ଗାଡି ଷ୍ଟାର୍ଟ କରେ ଗୃହ ଅଭିମୁଖେ । ଅଧ ଘଣ୍ଟାରେ ଆମେ ପହଞ୍ଚିଯାଉ ଆପାର୍ଟମେଣ୍ଟରେ ।

- ତୁମେ ଉପରକୁ ଯାଅ । ମୁଁ ଗାଡ଼ି ପାର୍କ କରି ୫ ମିନଟରେ ପହଞ୍ଚୁଛି ।

ସେ ଚାଲିଯାଏ ଉପରକୁ । ମୁଁ ଗାଡ଼ି ପାର୍କକରି ପହଞ୍ଚେ ଫ୍ଲାଟ୍ ସାମ୍ନାରେ । କଲିଂଗ୍ ବେଲ୍ ମାରେ । କିନ୍ତୁ କିଛି ଉତ୍ତର ମିଳେନା । କଲ୍ କରେ ତା ନମ୍ବର୍ କୁ । କିନ୍ତୁ ମୋବାଇଲ୍ ସ୍ୱିଚ୍ ଅଫ୍ ଥାଏ । ତେଣୁ ମୁଁ ମୋ ପାଖରେ ଥିବା ଚାବିରେ କବାଟ ଖୋଲି ପଶେ ଘର ଭିତରକୁ ।

- କବିତା ! ଶୋଇପଡ଼ିଲ କି ? ଲାଇଟ୍ କାହିଁ ଅଫ୍ କରିଛ ପୂରା ଘରଟାର ?

କିନ୍ତୁ କିଛି ଉତ୍ତର ମିଳେନା ତା ଠାରୁ । ମୁଁ ଅଣ୍ଡାଳି ଅଣ୍ଡାଳି ଯାଇ ଲାଇଟ୍ ଅନ୍ କରେ । ଘରଟି ଆଲୋକିତ ହେବା କ୍ଷଣି ମୋ ନଜର ସିଧା ପଡ଼େ କାନ୍ଥରେ ଟଙ୍ଗାହୋଇଥିବା ତା ଫଟୋଟା ଉପରେ । ପକେଟ୍‌ରୁ ରୁମାଲ୍‌ଟା କାଢ଼ି ଫଟୋ ଉପରେ ଲାଗିଥିବା ଧୂଳି ପୋଛିଦିଏ ମୁଁ । ଆଉ ତଳେ ପଡ଼ିଥିବା ଶୁଖିଲା ଫୁଲର ମାଳାଟିକୁ ଗୋଟେଇ ପୁଣିଥରେ ପିନ୍ଧେଇଦିଏ ତା ଫଟୋରେ ।

ମୋବାଇଲ୍ - ୯୫୫୬୬୯୬୦୩୯

# ଆମ ଗାଁରେ ବର୍ଷା

ଅମିତାଭ ସାହୁ



ବର୍ଷା ଆସିଲେ
ହସିଉଠେ ଆମ ଗାଁର
ଲଣ୍ଡପାହାଡ଼, ଚେର ଲଗେ
ଗଜୁର ଉଠେ ଗୁର...
ଚଳଚଞ୍ଚଳ ହୁଏ
ଗାଁ ବଲ କଆ ଗୋହର,
ନଦୀ ନାଳ କୂଅ ପୋଖରୀ
ସବୁଜ ବନାନୀର ଧର୍ ।

ହେଲେ କାହେ
ଆମ ଗାଁ, ହରଆ ପଧାନ ବୁଢ଼ା
ଦ' ଦ'ଟା ଭେଣ୍ଡିଆ ପୁଅ
ବାଣ୍ଟିନେଲେ ବଲବାଡ଼ି,
ଘରବାଡ଼, ଗହଣା ଗାଣ୍ଠି
ହେଲେ ବାଣ୍ଟିଲେନ
ବୁଢ଼ା ବାପକୁ, ଛାଡ଼ିଦେଲେ
ଝୁମ୍ପୁଡ଼ି କୁଡ଼ିଆରେ ।

ଏବେ ବର୍ଷା ହେଲା କାଳ
ଛାତ ଆଁ କରି ଗିଳୁଛି ଆକାଶ
ତଳେ ବର୍ଷାର ଲୁଚକାଳି ଖେଳ ।
ସ୍କୁଲ ପିଣ୍ଡା, ଅବା
କୋଠଘର ବାରଣ୍ଡାରେ
ବୁଢ଼ା କାଟେ ଦନ
ଆମ ଗାଁ ସରପଞ୍ଚ
କଥା ଦେଇଛି ତୋଳଦେବ
ଇନ୍ଦିର୍ ଆବାସ ଘର
ଏବେ ଗ୍ଲଯିବ ବୁଢ଼ାର ଦୁର୍ଦ୍ଦିନ ।
ହେଲେ ଦେଖୁ ଦେଖୁ
ବତଗଲାଣି
ତନ ତନଟା ଇଲେକ୍ସନ ।

ବଡ଼ ସାହ, କଳମ୍ବ, ପୋଲସର୍, ଗଞ୍ଜାମ

# ପୁରୁଣା ସୁନା

ଡା ସୌମ୍ୟରଞ୍ଜନ ମିଶ୍ର



ଲଣ୍ଠନ ଯୁଗର ଡାକ୍ତର ମାନଙ୍କୁ

ରାଜ୍ୟ ସରକାର

ଲେଜର ପକେଇ ଖୋଜୁଛି

କିଏ ଅଛି ରାଜ୍ୟ ବାହାରେ ତ

ଆଉ କିଏ ରାଇଜ ଭିତରେ

ଟଙ୍କା ଖୋଜିବାରେ ମଜିଛି ।

କିଛି ଡାକ୍ତରଙ୍କ ପାର୍ଥିବ ଶରୀର

ପଞ୍ଚ ମହାଭୂତେ ମିଶିଛି

ସରକାର କିନ୍ତୁ ଉତ୍ତର ଦେବାକୁ

ପ୍ରେମପତ୍ର ଜାରି କରିଛି ।

ଯେଉଁ ଡାକତର ଭୁଲ କରିକି

ସର୍କାରୀ କଳରେ ପଶିଛି

କୋଡ଼ିଏ ବର୍ଷରେ ଭି ଆର୍ ନେବାକୁ

ଗୋଡ଼ ଟେକିକରି ବସିଛି ।

ହେଲେ ସ୍ୱାସ୍ଥ୍ୟ ବିଭାଗ

ପୁରୁଣା ସୁନାଙ୍କୁ ଝୁରୁଛ

କଣ୍ଟ୍ରାକ୍‌ଚୁଆଲ୍, ଆଡ଼ହକରେ

ଭେଣ୍ଡିଆଙ୍କୁ ବାରମ୍ବାର ସିଏ ଭରୁଛ ।

ଭରସା ନ ପାଇ ବର୍ଷେ ଛ ମାସରେ

ଭେଣ୍ଡିଆ ଡାକ୍ତର

ଛାଡ଼ପତ୍ର ଦେଇ ନିର୍ଯ୍ୟାତନାରୁ ତରୁଛ ।

ବିଭାଗକୁ ଡାକ୍ତରୀ ସମସ୍ୟା ଘାରୁଛ

ଡାକତର ନାହିଁ ଡାକତର ନାହିଁ

ଗୁହାରିଆଡ଼େ ହୁର ପଡ଼ିଛ

ହେଲେ ଡାକ୍ତର ନଥାଇ

ଡାକ୍ତର ଖାନାରେ

ମାଗଣା ଓଷଦ ମିଳୁଛ ।

ମଧଖଣ୍ଡୀ, ଶ୍ରୀ ବଳଦେବ ଜୀୟୁ

କେନ୍ଦ୍ରାପଡା, ମୋବାଇଲ୍ - ୯୯୩୭୩୭୪୩୪୨

ଇମେଲ୍ - dr.srmishra@gmail.com

# ଆଜିର ମଣିଷ, 'ମୁଁ ରାକ୍ଷସ'

କ୍ଷେତ୍ରବାସୀ ଜେନା



(୧) ଆଉ ସହି ହେଉନି
କଷଣ ତୁମର
ସତେ କି ଯମ ଯନ୍ତ୍ରଣା
କହିପାରୁନାହିଁ ସହିପାରୁନାହିଁ
ହେଉଛି ମୁଁ ବାଟବଣା ।

(୨) କି କହିବି ଥାଉ ଭଲଲାଗେ ମୋତେ
ମନେ ମୋ ଆସୁଛି ରାଗ
ଅନାଇ ବସିଛି 'ମୁଁ ରାକ୍ଷସ' ଏ ସତ
ସତେ କି ଖାଇଲି ବାଘ ।

(୩) ଅଭିମାନେ କହେ ମନକୁ ମୋହର
ହାଇରେ କି କଲୁ ଆରେ ବିଧାତା
ସତଷଠି ପୁରି ଅଠଷଠି ଗଲାଲି
ନ ପାଇଲି ଯେ ସ୍ୱାଧୀନତା ।

(୪) ବଚନ ତାହାର ଖୁର ଠୁ ତ ଧାର

ଚରିତ୍ର କୁଟ କୁପଳ
ଦୃଷ୍ଟି ତାର ପୁଣି ସତେ କି ଜହର
ମନେ ମରିଯାଏ ବଳ ।

(୫) ଆଚରଣ ତାର ନୁହେଁ ସହନୀୟ
ସେ ଯେ ଦହ ଉଚଷ୍ଟ
ଯନ୍ତ୍ରଣା ଗୁପି ରଖିଥାରେ ବାବୁ
ମନେ ଭାରି ଲାଗେ କଷ୍ଟ ।
କାହାକୁ କହିବୁ ଦୁଃଖ ଯେ ତୋହର
ସବୁ ଏଠି ପର୍ 'ମୁଁ ରାକ୍ଷସ' ।

(୬) ସର ଉଠାଇବୁ ଭାବୁଛୁ କି ଧନ
ସର୍ବେ ଏଠି ସ୍ୱାର୍ଥେ ବଶ
ସାଜଛନ୍ତି ଏଠି ତେଲ ତେଲି ପୁଣି
ସତେ କି ବାଆକୁ ବତାସ ।

(୭) ଉଠ ଉଠ ଧନ ଶୋଇପଡ଼ ନାହିଁ
କେହି ଏଠି ନାହିଁ ସାହା
ଝିଣ୍ଟିକା ମାରକ ବଣି ପୋଷି ଏଠି
ନେଉଛନ୍ତି ବାହ୍ ବାହା ।
ଯାଯପୁର

# ମନେ ପଡ଼େ

ମମତା ଦାଶ



ଜୀବନର ଏହ ଲମ୍ବା ଯାତ୍ରାରେ

ମନେପଡେ !

ପିଲାଦନର ସେହ ପୁରୁଣା କଥା

ଗାଁ ମାଟି ଘରର ସେହ

ମନ ମୋହକ ବାସ୍ନା

ତରୁ-ଲତା-ବନ-ଉପବନ

ଆରେ ଓ........ତରୁ........ଓ ଲତା........ଓ ଉପବନ

ଆରେ ଓ........ରେ ଶୁପ୍ତ ମଳୟ୍ତ ତୁ ଆ........

ତୁ ଉଠ୍.....ତୁ ଜାଗ..... ତୁ .....ଜଗା

ତୁ ଗା........ ତୁ ନାଚ........ ତୁ ନଗ୍ସ ........

ବଗତ ଦନର ସ୍ମୃତର ପେଟେରା

ପୁନଃ ଖୋଲ ଦେଇ ଯା ..............(୧)

କାଳ-ବଲେଇ ସାଙ୍ଗ ମୋର

ଆଇ-ମାମୁଁଙ୍କ ଗାଳ ମୋର

କାନରେ ମୋ ଶୁଣାଯାଏ ନରନ୍ତର

ମୁଁ ନୁହେଁ ........ ମୁଁ ନୁହେଁ .........କହ

ଦଉଡି ପଳାଇବାର ମଜା

ମନେପଡେ ଆଜ ମୋର, ମନେପଡେ .............(୨)

ଜ୍ୟୋଷ୍ଠ ମାସର ଗରମରେ

ଆମ୍ବ ଗଛର ଛାଇ ତଳେ

କୋଇଲର ପଞ୍ଚମ ତାନରେ

କୁହୁ........କୁହୁ........ ଗାଇଉଠେ ମନ ମୋର

ଆଜ ମଧ ମନେ ପଡେ .............(୩)

ଝମ୍-ଝିମ୍ ବର୍ଷାର

ଟିପ୍ ........ ଟିପ୍ ........ ସ୍ୱରରେ

ରୁମ ........ ଝୁମ ........ ପାଉଜ ମୋ ଡାକ କହେ

ଛମ ........ଛମ ......... କର ଦଉଡି ଯା .........

ସାଉଁଟି ଆଣ ତୁ ନାଲ ଟୁକ୍-ଟୁକ୍ ସାଧବ ବୋହୁକୁ

ଗୁଡି ଦେ ତାକୁ

ତୋ ହାତ ତଆର କାଗଜ ଡଙ୍ଗାରେ .............(୪)

ଥୁରୁ-ଥୁରୁ ଅନ୍ଧାରଆ ଶୀତର ଗତରେ

ଡର-ଡର ଲୁଚଯାଏ ମୁଁ ଆଇର କୋଳରେ

ଥର-ଥର ଘୋଡି ହୋଇଯାଏ ମୁଁ

ପୁରୁଣା ରେଜେଇ ଆଉ କନ୍ଥା

ମନେପଡେ ଆଜ ମୋର, ମନେପଡେ........

ସେହି ଉଷ୍ମତା, ସେହି ଉଷ୍ମତା .............(୫)

ଚପଳ ବାଲ୍ୟ ଅବସ୍ଥାରେ
ସ୍ୱପ୍ନର ସେହି ମାୟା ଜାଲରେ
ଅଜଣା, ଅକୁହା ଶୈଶବ କାଳରେ
ଘୂରିବୁଲେ ମନ ମୋର
ସ୍ୱର୍ଣ୍ଣ ପ୍ରଜାପତି ପରି
ସାରା ବ୍ରହ୍ମାଣ୍ଡରେ .............(୬)

ସେହି ମଧୁର ବାଲ୍ୟ-ଜୀବନରୁ
ମଧୁପାନ କରି
ମଞ୍ଜରିତ ଯୌବନକୁ
ମଧୁମୟ କରିବାକୁ
ଚାହୁଁଥିଲା ମନ .............(୭)

ଗ୍ରୀଷ୍ମ, ବର୍ଷା, ଶୀତର
ସେହି ଅଭୁଲା ସ୍ମୃତିକୁ
ଯୌବନରେ ଯୋଡିବାକୁ
ଚାହୁଁଥିଲା ମନ
        କିନ୍ତୁ
ଶୈଶବର ସେହି ମଳୟ

ଏବେ ଚୁପ-ଗୁପ ଘୂରବୁଲେ ପାଗଳ ପରି

ତୁମକୁ ଖୋଜି-ଖୋଜି

ପ୍ରଥମ ପ୍ରେମର ସେହି

ସୁବାସିତ ସୁଗନ୍ଧ ପାଇଁ

ଏବେ ମଧ୍ୟ ତୁମକୁ ଖୋଜେ

ମନ ମୋର ............(୮)

ସମୟର ସ୍ରୋତରେ

ବହିଯାଏ ନିରନ୍ତର

ନିର୍ଝରଣୀ ନଦୀ ପରି

ପ୍ରେମର ସେହି ମଧୁର ରାଗ

ମୋ ହୃଦୟର ସ୍ପନ୍ଦନ ଆଉ.........

ନିଶ୍ୱାସରେ ଛୁଟେ ମୋ

ମନର ଶବ୍ଦ, ମୃଦୁ-ମନ୍ଥର ଗତିରେ

ସୁକୋମଳ ସ୍ମୃତିରେ

ଲୋଟି ପୋଟି ହୋଇ

ମନେପଡେ,

ଆଜିମୋର ମନେପଡେ ..........(୯)

ଲେଖିକା, ଗବେଷିକା,

ମୁମ୍ବାଇ, ମହାରାଷ୍ଟ୍ର

ଇମେଲ୍- mamata.dash1234@gmail.com

# ଟିକି ଚଢ଼େଇ

ଜଗନ୍ନାଥ ସାହୁ



ଟିକି ଚଢ଼େଇ ଲୋ ଟିକି ଚଢ଼େଇ
ନୀଳ ଆକାଶରେ ପର ଝଡ଼େଇ
ଉଡ଼ିଯାଉ ବହୁଦୂର,
ଅନ୍ତରେ ନାହିଁ ତୋ ଟିକିଏ ଛଳନା
ନାହିଁ ପାତର ଅନ୍ତର ।୧ ।
କିଚିରି ମିଚିରି ଶବ୍ଦ କରି
ସଭିଙ୍କ ମନରେ ଆନନ୍ଦ ଭରି
ଗାଇ ପ୍ରେମର ସଙ୍ଗୀତ
ମଧୁର ବୋଲି ତୋ ସର୍ବଜନ ପାଶେ
କରିଥାଏ ତୋତେ ମିତ ।୨ ।
କହ କିଏ ଅବା ଗଢ଼ିଲା ତୋତେ
ଅପରୂପ ତୋର ଶୋଭିଟି ସତେ
ଦେଖି ତୋ ଅପ୍ସରୀ ରୂପ
ବର୍ଣ୍ଣି ପାରୁନାହିଁ ଲେଖନୀ ମୂନେ ମୁଁ
ସୌନ୍ଦର୍ଯ୍ୟ ତୋର ଅମାପ ।୩ ।
ରମ୍ଭା ଓ ମେନକା ଲାଜରେ ଲୁଚିବେ
ରତିଦେବୀ ନିଏ ହୃଦେ ଜଳିବେ
ତୋ ସୁନ୍ଦର ରୂପ ଦେଖି
ଲେଖନୀଟି ମୋର ସ୍ୱୟଂ ଚଳିଉଠେ
ଲେଖେ କବିତା ପରଖି ।୪ ।

# ଅସହାୟ

ଡା ଜ୍ୟୋତି ପ୍ରସାଦ ପଟ୍ଟନାୟକ



ରାତିରେ ହଠାତ୍ ମୋ ଆଖି ଖୋଲିଗଲା ବେଳକୁ କୁନାବାପା ଶେଯରେ ନାହାନ୍ତି । ବୈଠକ ଘର ବତୀ ଜଳୁଥିବା ଦେଖି ଭାବିଲି ସେ ବୋଧହୁଏ ନିଦ ଅଭାବରୁ ଉଠିପଡ଼ିଥିବେ । ସେମିତି ରେ ବି ଚାକିରୀରୁ ଅବସର ନେବାପରେ ସେ ଅନେକ ରାତି ଅନିଦ୍ରା ରହିଛନ୍ତି । ଟିଭି ଦେଖୁଥିବେ ନ ହେଲେ ବସି ବାସି ଖବର କାଗଜକୁ ପଢୁଥିବେ । ମୁଁ କଡ଼ ଲେଉଟାଇ ଶୋଇବାକୁ ଚେଷ୍ଟା କଲି, ହେଲେ ବୈଠକ ଘରୁ ତାଙ୍କର କୌଣସି ଶବ୍ଦ ଶୁଣାଯାଉନଥିଲା, ତେଣୁ ଶେଯରୁ ଉଠି ସେ ଆଡ଼କୁ ଗଲାବେଳକୁ ସେ ନିଜ ପେଟକୁ ଜାବୁଡ଼ିଧରି ବସିଛନ୍ତି । ଆଖିରୁ ଦି ଧାର ଲୁହ ବହୁଛି । କଣ ହେଇଛି ବୋଲି ବ୍ୟସ୍ତ ହୋଇ ପଚାରିବା ବେଳକୁ କହିଲେ, ପେଟଟା ମାରୁଛି । ଶୁଳ ମାରିବା ପରି ଲାଗୁଛି । କଣ କରିବି କିଛି ଜାଣିପାରୁନି । ତମେ ଶୋଇଥିଲ ତେଣୁ ଏ ରୁମକୁ ଆସିଲି । ପାଣି ବି ଅନେକ ପିଇଲିଣି, ହେଲେ ବି ଭଲ ଲାଗୁନି । ମୋତେ ବି ଚାରିଆଡ଼ ଅନ୍ଧାର ଦିଶିଲା । ତଥାପି ଧୈର୍ଯ୍ୟ ଧରି କହିଲି, ତୁମେ ଥାଅ ମୁଁ ଯାଉଛି, ଆମ ସାହିରେ ଡାକ୍ତର ଆଜ୍ଞା ଅଛନ୍ତି ତାଙ୍କୁ ଡାକି ଆଣୁଛି । ସେ ମୋ ହାତ ଧରି ଅଟକାଇ ଦେଲେ ଆଉ କହିଲେ, ନାଇଁ ପେଟ ବଥାଟା ଏତେ ବେଶୀ ନାହିଁ । ତମେ ଗୋଟିଏ କାମ କର ତେଲ ଟିକେ ଆଣି ମୋ ପେଟରେ ଘଷିଦିଅ । ମୁଁ ଶୋଇଯିବି । ସତକୁ ସତ ତେଲ ଆଣି ନାଭି ଚାରିପାଖରେ ଘଷିଦେବାପରେ ସେ ଶୋଇଗଲେ ।

ଆଜି ସନ୍ଧ୍ୟାରେ ସେମିତି କିଛି ବଦହଜମୀ ହେଲା ଭଳି ଖାଦ୍ୟ ସେ ଖାଇନଥିଲେ । ସବୁ କିଛି ତ ନିୟମରେ ଖାଉଛନ୍ତି, ଏଣୁତେଣୁ କଣ ଖାଇଥିଲେ ହେଲେ, ଏସିଡ଼ିଟି ହେଲା ବୋଲି ଭାବିଥାନ୍ତି । ସେ ଯା

ହେଉ, ସେ ଶୋଇଯିବାପରେ ମୁଁ ବ ଶୋଇଗଲ । ସକାଳୁ ଉଠିବା ବେଳକୁ ସବୁ ଠିକ୍ ଠାକ୍ । ମୁଁ ଉଠି ଘର ସଫାସଫି କରଦେଇ ଗ୍ତ ବସେଇ ଦେଇ ତାଙ୍କୁ ଉଠେଇବାକୁ ଗଲ୍ବେଳକୁ ତାଙ୍କ ଦେହରେ ଖଇ ଫୁଟୁଛ । ସେତେବେଳକୁ ସମୟ ସକାଳ ସାଢ଼େ ସାତଟା ହୋଇଥିବ । ଡାକ୍ତର ଆଙ୍କାଙ୍କୁ ଫୋନ କରବା ପରେ ସେ ତୁରନ୍ତ ଆସି ପହଞ୍ଚିଗଲେ । ପରୀକ୍ଷା କର କହଲେ, ପରଶ୍ରାରେ କଛ ଦୋଷ ଅଛ ନଷ୍ଚୟ ନହେଲେ ଏତେ ଜୋରରେ ଜ୍ୱର ଆସିବନ । ତୁମେ ଗୋଟିଏ କାମ କର, ଡାକ୍ତର ଖାନା ଯାଇ ପରଶ୍ରା ଆଉ ରକ୍ତ ପରୀକ୍ଷା କରଦେଇ ଆସ ଦେଖିବା କଣ ହେଉଛ ।

ସେ ଇଞ୍ଜେକ୍ସନ ଗୋଟିଏ ଦେଇ ଗ୍ତଲଯିବା ପରେ ତାଙ୍କ ଜ୍ୱର କମ ହୋଇଗଲ୍, ସେ ଉଠି ବସିଲେ । ଗ୍ତ ପିଉ ପିଉ କହଲ, ଗ୍ତଲ ଆଜ ବଡ଼ ମେଡ଼ିକାଲ ଯିବା, ତମ ଦେହଟା କାହିଁକ ଏମିତ ହେଉଛ ଟିକେ ଦେଖେଇ ଦେଇ ଆସିବା । ସେ ହଉ ବୋଲ କହଲେ । ଗାଧୋଇସାର ଘରୁ ବାହାରବା ବେଳକୁ ଦୁଆରେ ଥୁଆ ହୋଇଥିବା କାରଆଡ଼କୁ ଦୃଷ୍ଟି ନ ଦେଇ ସେ ସ୍କୁଟି ଧର ବାହାରଲେ । କହଲ, କାଳଆକୁ ଫୋନ୍ କରଦେଲନ, କାରରେ ଯାଇ ଆସିଥାନ୍ତ । ସେ କହଲେ, ଥାଉ, କାର ବାହାର କଲେ ବେଶୀ ହଇରଣ । ଗ୍ତଲ ସ୍କୁଟିରେ ଯାଇ ଆସିବା । ବଡ଼ ମେଡ଼ିକାଲରେ ଯାଇ ଘଣ୍ଟାଏ ଅପେକ୍ଷା କରବାପରେ ମଧ ଆମ ନମ୍ବର ଆସିଲ୍ ନାହିଁ । କୁନାବାପା ବରକ୍ତ ପ୍ରକାଶ କର କହଲେ, ଗ୍ତଲ ପ୍ରାଇଭେଟ୍ ନର୍ସିଂ ହୋମ୍ ଯାଇଥିଲେ, ଏତେବେଳକୁ ଘରକୁ ପଳାଇଥାନ୍ତେ । ସେଇଠୁ ଆମେ ବାହାରଗଲୁ ଗୋଟିଏ ପ୍ରାଇଭେଟ୍ ହସପିଟାଲକୁ । ଅଧଘଣ୍ଟା ଭତରେ ଡାକ୍ତର ଦେଖିଦେଲେ, ରକ୍ତ ଓ ପରଶ୍ରା ପରୀକ୍ଷା କରବାପାଇଁ କହଦେଇ, ପେଟର କମ୍ପ୍ୟୁଟର ଫୋଟୋ ବାହାର କରବାପାଇଁ କାଲ ଆସିବା ପାଇଁ କହଲେ । ପରଶ୍ରା ପରୀକ୍ଷା କରବାପରେ ସେଥିରେ ସଂକ୍ରମଣ ଥିବା ଜଣା ପଡ଼ିଥିଲ୍, ତେଣୁ ପରଶ୍ରାଦ୍ୱାରରେ ନଳୀଦେଇ ଘରକୁ ପଠାଇଦେଲେ । ସେ ନଳୀ ଲଗାଇବାକୁ ମନା କରୁଥିଲେ ଅବଶ୍ୟ, ହେଲେ ଡାକ୍ତର କହଲେ କାଲ ସକାଳ ସୁଦ୍ଧା ଏଇ ଥଳୀରେ କେତେ ପରଶ୍ରା ଜମା ହେଇଛ ଦେଖିବାକୁ ପଡ଼ିବ । ତେଣୁ ଏଇଟା ଲଗାଇବା ନହାତ ଜରୁରୀ ।

ସନ୍ଧ୍ୟା ସାଢ଼େ ପାଞ୍ଚଟା ବେଳକୁ ଆମେ ଆସି ପହଞ୍ଚିଲୁ ଘରେ । ଗ୍ତ କର ପିଇବା ପରେ ସେ

କହିଲେ, ନଳୀ ଲାଗିଥିବାରୁ ପେଟଟା ଟିକେ କାଟୁଛି । ମୁଁ କହିଲି, ନାଇଁ ତମେ କେବେ ଏମିତ ଟଙ୍କସ୍ରା ନେଇନଥିଲ ତେଣୁ ବୋଧହୁଏ ଅସୁବିଧା ଲାଗୁଥିବ । ସେ କିଛି କହିଲେନି । ରାତିରେ ଖାଇବା ସମୟରେ ଖାଇବାକୁ ମନା କରିଦେଇ କହିଲେ, ମୋତେ ଲାଗୁଛି ମୋ ପେଟଟା ଯେମିତି ଫୁଲିଯାଇଛି । ଏଣେ ଡାକ୍ତର କହିଥିଲେ ପରିଶ୍ରାରେ ସଂକ୍ରମଣ ଆସୁଛି ତେଣୁ ପାଣି ପିଇବାକୁ ପଡ଼ିବ । ସେଇଥିପାଇଁ ଭୟରେ ଦୁଇ ଲିଟର ପାଣି ବି ପିଇସାରିଥିଲେ ସେ, ହେଲେ ପରିଶ୍ରା ଥଳୀରେ ଟୋପାଏ ବି ପରିଶ୍ରା ଜମା ହୋଇନଥିଲା ।

ରାତିରେ ଶୋଇଗଲା ପରେ ପୁଣିଥରେ ଅଧ ରାତିରେ ଶେଯରେ କୁନାବାପାଙ୍କୁ ନ ପାଇ, ଖୋଜିଲା ବେଳକୁ ସେ ବୈଠକଘରେ ତଳେ ଶୋଇ ଛଟିପିଟି ହେଉଛନ୍ତି । କଣ ହେଉଛି ବୋଲି କହିଲା ବେଳକୁ ସେ କାନ୍ଦି କାନ୍ଦି କହିଲେ ମୁଁ ମରିଯିବି । ମୋତେ ଜମା ଭଲଲାଗୁନି । ମୋତେ କଣ କଣ ହେଉଛି । ପେଟ ବହୁତ ଜୋରରେ କାଟୁଛି । ମୋତେ ବି କିଛି ବୁଦ୍ଧି ଦିଶିଲାନି । ସାହିରେ ଥିବା ଡାକ୍ତର ଆଜ୍ଞାଙ୍କୁ ଫୋନ କରିବା ବେଳକୁ ବାହାରେ ପ୍ରବଳ ବର୍ଷା ହେଉଥିଲା । ସେ ବି କେମିତି ଆସିବେ ? ଏଣେ ଘରେ କେହି ନାହାନ୍ତି । ଡ୍ରାଇଭରକୁ ଫୋନ୍ କରିବାପରେ ବି କେହି ଫୋନ ଉଠେଇଲେ ନାହିଁ । ମୋତେ କିଛି ବୁଦ୍ଧିବାଟ ଦିଶିଲାନି । ଅଗତ୍ୟା ବାଧହୋଇ ଡାକ୍ତର ଆଜ୍ଞାଙ୍କୁ କହିଲି, ଆପଣ ନ ଆସିଲେ ଆମର ଆଉ କେହି ଭରସା ନାହିଁ । ସେ ବର୍ଷାରେ ରେନ୍ କୋଟ୍ ପିନ୍ଧି ଆସିଲେ । ଘରକୁ ଆସି କୁନାବାପାଙ୍କ ଅବସ୍ଥା ଶୁଣି କହିଲେ, ଏହାଙ୍କୁ ଡାକ୍ତରଖାନା ନେବାକୁ ପଡ଼ିବ । ଆମ୍ବୁଲାନ୍ସ ଡକାନ୍ତୁ କିମ୍ବା କିଛି ବି କରନ୍ତୁ, କିନ୍ତୁ ଏଠି କିଛି କରିହେବନି । ମୋ ଆଖିରେ ସେତେବେଳକୁ ଲୁହ ଆସିଗଲାଣି । ଗୁରି ଗୁରିଟା ପିଲାଙ୍କୁ ଜନ୍ମ କରିଛି । ହେଲେ ଏଇ ବୁଢ଼ା କାଳକୁ କେହି ପାଖରେ ନାହାନ୍ତି ।

ରାଉରକେଲା ଷ୍ଟିଲ୍ ପ୍ଲାଣ୍ଟରେ କୁନାବାପା କାମ କରୁଥିଲେ । ମୁଁ ବାହା ହେଇ ଆସିଲା ବେଳକୁ ତାଙ୍କ ଘରେ ବହୁତ ଗହଳି ଥିଲା । କିନ୍ତୁ ଦେଖୁ ଦେଖୁ ଯେ ଯା ରାସ୍ତାରେ ବ୍ୟସ୍ତ ହୋଇଗଲେ । ବର୍ଷ ପରେ ବର୍ଷ ବିତିଗଲା । ବାହା ହେଇ ପାଞ୍ଚ ବର୍ଷରେ ଦୁଇଟା ଝିଅ ଜନ୍ମ କରିବାପରେ, ପୁଅପାଇଁ ସମସ୍ତେ ମୋତେ ଅନେକ କଥା କହିଥିଲେ । କୁନାବାପା କହିଲେ ପୁଅ ଆଉ ଝିଅ କଣ ଅଲଗା କି ? ହେଲେ

ପୁଅ ନ ହେଲେ ଲୋକମାନେ କେତେ କଥା କହିବେ ବୋଲି, ତୃତୀୟ ଗର୍ଭ ବେଳକୁ ଜିଦ୍ କରି ପରୀକ୍ଷା କରି ଯେତେବେଳେ ଜାଣିଲି ଯେ ଗର୍ଭରେ ଝିଅଟିଏ ଅଛି, ହୃଦୟକୁ ପଥର କରି ଗର୍ଭପାତ କରାଇଥିଲି । ଏହାପରେ ଲଗ ଲଗ ଆଉ ଦୁଇଥର ଗର୍ଭପାତ କରିଲି । ଶେଷରେ କୁନା ଜନ୍ମ ହୋଇଥିଲା । ଜନ୍ମରୁ ରୋଗୀଥିଲା ବୋଲି ତା ଉପରେ ହଜାର ହଜାର ଟଙ୍କା ଖର୍ଚ୍ଚ କରୁଥିଲୁ ଆମେ । କୁନା ଜନ୍ମ ହେବାର ଚାରିବର୍ଷ ପରେ ମୁନା ଜନ୍ମ ହୋଇଥିଲା । ସେ ବି ଦୁଇଥର ଗର୍ଭପାତ କରିବାପରେ । ଆଜୀବନ ଷ୍ଟିଲପ୍ଲାଣ୍ଟରେ କାମକରି କରି କୁନାବାପା ଯାହା ସମ୍ବଳ ରଖିଥିଲେ ସେଥିରେ ବ୍ରହ୍ମପୁରରେ ଛୋଟିଆ ଘରଟିଏ କରିଥିଲେ । ଅବସର ଗ୍ରହଣ ପରେ ଆଉ କିଛି କରିବିନି, ଜୀବନସାରା ଖଟିଲି ଏହି ଘରେ ରହି ଆରାମ୍ କରିବି ବୋଲି କହୁଥିଲେ ।

ଦୁଇଝିଅ ରୁନା ଆଉ ଝୁନାକୁ ବାହାଦେଇ ଆମର ସମସ୍ତ ବୋଝ ହାଲୁକା ହୋଇଗଲା । କୁନା ଆଉ ମୁନା ପାଇଁ ଚିନ୍ତା ନଥିଲା । ପୁଅପିଲା, ତା ବାହାଘର ପାଇଁ କି ଚିନ୍ତା । ପଢ଼ାପଢ଼ି କରି କୁନା ଇଞ୍ଜିନିୟରିଂ କରିବାକୁ ଚାଲିଗଲା । ତା ପଛେପଛେ ମୁନା ବି ଚାଲିଗଲା । ଘରେ ଚାରି ଚାରିଟା ପିଲା ଥାଉ ଥାଉ ଘରେ ସବୁବେଳେ ଖାଁ ଖାଁ ଲାଗୁଥିଲା, ହେଲେ ବି କଲେଜ ଛୁଟିହେଲେ ଘରେ ଗହଳି ହେଉଥିଲା । ଦେଖୁ ଦେଖୁ ଚାରିବର୍ଷ ବିତିଗଲାପରେ କୁନା ଚାକିରୀ ପାଇ ବାଙ୍ଗାଲୋର ଚାଲିଗଲା । ମୁନା ପାଠ ସାରିଦେଇ କିଛି ଦିନ ଘରେ ରହିଲା, ସେ ଥିଲା ବେଳେ ଘରେ ବହୁତ ଭଲ ଲାଗୁଥିଲା । ହେଲେ ଦିନେ କୁନା ହିଁ ମୁନାକୁ କୌଣସି କମ୍ପାନୀରେ କାମରେ ଲଗେଇଦେଲା । ସେମାନେ ସବୁ ବାହାରକୁ ଚାଲିଗଲେ । ଦେଖୁ ଦେଖୁ ଦିନ ମାସ ବର୍ଷ ବିତିଗଲା । କୁନାବାପା ଯେତେଦିନ ଚାକିରୀରେ ଥିଲେ ସେତେଦିନ କେମିତି କେମିତି ବିତିଯାଉଥିଲା, ଏହି ସମୟରେ କୁନା ଆଉ ମୁନାକୁ ବାହା କରିଦେଇଥିଲେ, ହେଲେ ସେ ଅବସର ନେବାପରେ ଆମେ ବ୍ରହ୍ମପୁର ଆସିଯାଇଥିଲୁ । ଆମ ନିଜ ଗାଁ ନିଜ ମାଟି । ହେଲେ ଏଠି କେହିନଥିଲେ ନିଜର ବୋଲି ।

ବର୍ଷେତଳେ କୁନାକୁ ଆମେରିକାରେ ଚାକିରୀ ମିଳିଲା ବୋଲି ସେ ସେଠାକୁ ଯିବାକଥା ଜଣେଇଦେଲା । କୁନା ପଛେ ପଛେ ମୁନା ବି ଆମେରିକା ଯିବାକଥା କହିଲା । ଆମେ ଘରେ ଦୁଇପ୍ରାଣୀ

ରହିଗଲୁ । ସେଇ ସମୟରେ ହଠାତ୍ ଦିନେ କୁନାବାପା ମୁହଁମୋଡ଼ି ପଡ଼ିଗଲେ । ମୁହଁଟା ଗୋଟିଏ ପାଖକୁ ବଙ୍କା ହୋଇଗଲା, ଦେହର ଅଧା କାମ କଲାନି ନାହିଁ । ତାଙ୍କ ଅବସ୍ଥା ଦେଖି ମୋର ଦେହ ହାତ ଥରିଗଲା । ସାହିପଡ଼ିଶାରେ କେହି ବି ନଥିଲେ, ସେତେବେଳେ ଡାକ୍ତର ଆଜ୍ଞାଙ୍କୁ ଡାକିଥିଲି । ସେ କହିଥିଲେ ବ୍ଲଡ୍ ପ୍ରେସର ବଢ଼ିଯାଇଛି, ତେଣୁ ପାରାଲିସିସ୍ ହୋଇଗଲା । ଅବଶ୍ୟ ସେ ଇଞ୍ଜେକ୍ସନ ଓ ଔଷଧ ଦେବାପରେ ମାସେ କାଳ ଶେଯରେ ପଡ଼ିରହି ତାଙ୍କ ଅବସ୍ଥା ସୁଧୁରିବାକୁ ଲାଗିଲା । ଏଇ ସମୟରେ କୁନା ଆଉ ମୁନା ଆସିଥିଲେ । କୁନା ବହୁତ ବିରକ୍ତ ଭାବ ଦେଖାଇ କହିଲା, ତୁମେ ଘରେ କାମ କରିବାପାଇଁ ଚାକରଟିଏ ରଖ, ଗାଡ଼ି ଖଣ୍ଡେ ରଖ । ଏମିତି କେତେ କଣ । ସେ ହିଁ ନୂଆ ଗାଡ଼ିଟାଏ କିଣି ଥୋଇଦେଲା । କହିଥିଲା ଡ୍ରାଇଭର ଜଣେ ରଖ, କଣ ହେଲେ ସେ ନେଇ ଡାକ୍ତରଖାନା ଯିବ । କୁନାବାପାଙ୍କ ଆଖିରୁ ଲୁହ ଝରୁଥିଲା ସେ କଥା କହି ପାରୁ ନଥିଲେ । କୁନାବାପା ଠିକ୍ ହେବାପୂର୍ବରୁ କୁନା ଆଉ ମୁନା ଚାଲିଯାଇଥିଲେ । ଆମର ଭରସା ଥିଲେ ଆମ ସାହିରେ ଥିବା ଡାକ୍ତର ଆଜ୍ଞା । ଦିନ ନାହିଁ ରାତି ନାହିଁ ଯେତେବେଳେ ବି ଯାହା ବି ହେଲେ ସେ ହିଁ ଆସି ଠିଆ ହେଉଥିଲେ ।

କୁନାବାପା ସମ୍ପୂର୍ଣ୍ଣଭାବେ ନିରୋଗ ହେବା ବେଳକୁ କୁନା ଆମେରିକା ଚାଲିଯାଇଥିଲା । ବର୍ଷେ ହୋଇଗଲାଣି । ପଛେ ପଛେ ମୁନା ବି ଚାଲିଗଲା । ସେମାନେ ସେଠାରେ ରହୁଛନ୍ତି । କଥା କଥାରେ ଖାଲି ଉପଦେଶ ଦେବା ଶିଖିଗଲେଣି । ଘରେ ନର୍ସ ଆଣି ରଖିଦିଅ, ଯାହା ଖର୍ଚ୍ଚ ହେବ ମୁଁ ଦେବି, ଇତ୍ୟାଦି ଇତ୍ୟାଦି । ଦଶ -ପନ୍ଦର ଦିନରେ ଥରେ ଅଧେ ଫୋନ୍ କରନ୍ତି, ନ ହେଲେ କୁନାବାପା ଫୋନ କଲେ କଥା ହୁଅନ୍ତି । ଭଗବାନଙ୍କ ଦୟାରୁ ବର୍ଷେ ସମୟ ବିନା କିଛି ଅସୁବିଧାରେ ବିତିଯାଇଥିଲା । ହେଲେ କାଲି ରାତିରୁ କୁନାବାପାଙ୍କ ଅବସ୍ଥା ସାଂଘାତିକ ହେବାପରେ ମୁଁ ବି ବହୁତ ଦୁର୍ବଳ ହୋଇପଡ଼ିଥିଲି । ଡାକ୍ତରବାବୁ କହୁଥିଲେ ଜଲଦି ମେଡ଼ିକାଲ୍ ଯିବା ବ୍ୟବସ୍ଥା କର । ମୁଁ କାନ୍ଦୁଥିଲି । କୁନାବାପା ତଳେ ଶୋଇ ସେମିତି ଗଡ଼ିଗଡ଼ି ଛଟିପିଟି ହେଉଥିଲେ । ଅଗତ୍ୟା ଅନ୍ୟୋପାୟ ନ ହୋଇ ଡାକ୍ତର ଆଜ୍ଞା, କୁନାବାପାଙ୍କ ପରିଶ୍ରାନଳୀକୁ ବାହାର କରିବା କଥା କହିଲେ, ଆଉ ବାହାର କରିଦେବାପରେ ପୁରା ଚଟାଣ ସାରା ପରିଶ୍ରାରେ ଭର୍ତ୍ତି ହୋଇଗଲା । ଛଟିପିଟି ହେଉଥିବା କୁନାବାପା ଶାନ୍ତ ହୋଇଗଲେ । ଦଶ

ମିନିଟ ପରେ ଉଠି ସେ ଗାଧୋଇବାପାଇଁ ଗ୍ଲିଗଲେ ।

ଡାକ୍ତର ବାବୁ କହିଲେ, ଆପଣ ଘରେ ଏକା ରହୁଛନ୍ତି ଯଦି ଅସୁବିଧା ହେଉଛି, ଆପଣ ନିଜ ପୁଅ ପାଖକୁ ଗ୍ଲିଯାଆନ୍ତି । କୁନାବାପା କହୁଥିଲେ ପୁଅ ରହୁଛି ଆମେରିକାରେ ଆମେ ଯିବାପାଇଁ କଥା ହେଉଥିଲୁ ହେଲେ ଆମେରିକା ସରକାର ମନା କରିଦେଲେ ଭିସା ଦେବାପାଇଁ । ଆଉ ଝିଅଘରେ ଯାଇ କେତେଦିନ ରହିବୁ ? ସେଇଥିପାଇଁ ଏଇଠି ପଡ଼ିଛୁ । ଆପଣଙ୍କର କେହି ବନ୍ଧୁପରିଜନ ତ ଥିବେ ? ହଁ ଅଛନ୍ତି, ହେଲେ ସେମାନେ ବି ସବୁ ବୁଢ଼ାବୁଢ଼ୀ ହେଲେଣି । ସେମାନେ ବି ଆମପରି ବଞ୍ଚୁଛନ୍ତି । ପୁଅ ପୁଅ ବୋଲି ଆଜ୍ଞା ପାଞ୍ଚ ପାଞ୍ଚଥର ଗର୍ଭନଷ୍ଟ କରିଥିଲି । ହେଇ ସେଇ ପୁଅ ଏବେ ଆମେରିକାରେ ବସିଛି । ଫୋନ କରିବାପାଇଁ ତା ପାଖରେ ସମୟ ନାହିଁ, କି ଆମ ଭଲ ମନ୍ଦ ବୁଝିବାପାଇଁ ଉପାୟ ନାହିଁ । ସେ ଦୁନିଆ ଦେଖୁଛି, ଆମେ ଏଠି ସେମାନଙ୍କ ବାଟ ଗ୍ହିଁ ବସିଛୁ । ତା ପିଲାମାନେ ଭଲ ସ୍କୁଲରେ ପଢ଼ିବେ ବୋଲି ସେ ବ୍ରହ୍ମପୁର ଆସିବନି ବୋଲି କହିଦେଲା, କୁନାବାପା କହିଲେ, ତୁ ଆଉ କୋଉ ସ୍କୁଲରେ ପଢ଼ି ଆମେରିକା ଯାଇଛୁ ? ସେ କହିଲା, ସେତେବେଳର ଯୁଗ ଅଲଗା ଥିଲା, ଏବେ ଆଉ ସେ ସବୁ ନାହିଁ ।

ପୁଅ କାଳେ ବାଙ୍ଗାଲୋରରେ ବଡ଼ ଫ୍ଲାଟ୍ କିଣିଛି ବୋଲି ଶୁଣୁଛୁ । ବୁଢ଼ାକାଳକୁ ସାହା ହେଉଛନ୍ତି ଆମ ଦୁଇଝିଅ । ଦିନକାଳ ଦେଖି ବେଳେ ବେଳେ ଆସି ରହୁଛନ୍ତି, ସେବା କରୁଛନ୍ତି, ହେଲେ ଯେଉଁ ପୁଅପାଇଁ ଏତେ ଓଷାବ୍ରତ କରିଥିଲି ସେ କାହିଁ ?

ବୀମା ନଗର, ଦ୍ୱିତୀୟ ଗଳି
ବ୍ରହ୍ମପୁର, ୭୬୦୦୧୦, ଓଡ଼ିଶା

# ତୁମ କଥା ମନେପଡ଼େ

ପ୍ରଶାନ୍ତ କୁମାର ନାଥ



ତୁମକଥା ମନେପଡ଼େ
ଅନ୍ଧାର ଗତରେ
ତୁମକଥା ମନେପଡ଼େ
ଜହ୍ନ ଆଲୁଅରେ ।
ତୁମକଥା ମନେପଡ଼େ
ବରଷା ଝରଲେ
ତୁମକଥା ମନେପଡ଼େ
ଦେହ ମୋ ଥରଲେ ।
ତୁମକଥା ମନେପଡ଼େ
ଶୀତ ସକାଳରେ
ତୁମକଥା ମନେପଡ଼େ
କଅଁଳ ଖରାରେ ।
ତୁମକଥା ମନେପଡ଼େ
ଗହଳ ଭିତରେ
ତୁମକଥା ମନେପଡ଼େ
ନିଃସଙ୍ଗ ବେଳାରେ ।
ତୁମକଥା ମନେପଡ଼େ
ସକାଳେ ବେଳାରେ
ତୁମକଥା ମନେପଡ଼େ
ପ୍ରତି ମୁହୂର୍ତ୍ତରେ ।

ସୁନ୍ଦରପୁର, ଉତ୍ତରକୂଳ ହାଟ, ପ୍ରୀତିପୁର, ଯାଜପୁର

# ନିଜ ରାସ୍ତା

ଭଗିରଥୀ ବେହେରା



ଆଖିରୁ ଲୁହ ଝରି

ରାସ୍ତା ଖୋଜେ ବହିଯିବା ପାଇଁ

ଶେଷରେ ଓଠ ତାକୁ ପିଇଯାଏ,

ନଦୀଟିଏ ପାହାଡ଼ ଦେଶରୁ

ରାସ୍ତା ଖୋଜେ ବହିଯିବାପାଇଁ

ଶେଷରେ ସାଗର ତାକୁ ଆବୋରିନିଏ ।୧ ।

ପଥିକଟିଏ ଜୀବନତମାମ

ରାସ୍ତା ଖୋଜେ ଲକ୍ଷ୍ୟସ୍ଥଳରେ ପହଞ୍ଚିବାପାଇଁ

ଶେଷରେ ବାଟବଣା ହୋଇଯାଏ,

ସଂସାରୀଟିଏ

ରାସ୍ତା ଖୋଜେ ଜୀବନଟା ଜୀଇଁବା ପାଇଁ

ଶେଷରେ ଅଣନିଶ୍ୱାସୀ ହାରିଯାଏ ।୨ ।

ସତରେ କଣ

ଲୁହର ଠିକଣା ଓଠ

ନଦୀର ଲକ୍ଷ୍ୟ ସାଗର !

ସତରେ କଣ

ପଥିକ ଗୃହେଁ ପାନ୍ଥଶାଳା

ସଂସାରୀ ଗୃହେଁ ନିର୍ବାଣ !

ମୁଁ କିନ୍ତୁ

ବାଛି ନେଇଛି ମୋ ନିଜ ରାସ୍ତା

ସ୍ୱାଧୀନତାର ରାସ୍ତା

ସମ୍ପର୍କର ରାସ୍ତା

ଭଲପାଇବାର ରାସ୍ତା

ଏଥିପାଇଁ

ମୋ ଜୀବନ ଚଲାପଥେ

ରାସ୍ତା ମୋତେ କୋଳାଗ୍ରତ କରେ

ଏବଂ ମୋ ସାଥେ ସାଥେ ଚାଲିଥାଏ ।୩ ।

ସମ୍ପାଦକ, କବିତାଘର

ମାର୍ଫତ - ଲଛମନ ବେହେରା, ମାଳୀ ସାହି

ଆଙ୍କୁଲି, ବ୍ରହ୍ମପୁର, ୭୬୦୦୧୦

ଫୋନ୍ - ୭୭୪୯୯୮୪୩୩୩

# ମୁଁ ଏକ ନୀରବଦ୍ରଷ୍ଟା

ପ୍ରହ୍ଲାଦ ଖଟୋଇ



ମୁଁ ଏକ ନୀରବଦ୍ରଷ୍ଟା
ପିଲାବେଳଠୁ ବଡ଼ ହେବାଯାଏଁ
ଦେଖି ଦେଖି ସୃଷ୍ଟିକୁ ନୟନ ମୋ ଭ୍ରଷ୍ଟ
ଏଠି ସମସ୍ତଙ୍କୁ କରେ ଆପଣାର
କିନ୍ତୁ ମୋତେ କେହି କରନ୍ତିନି ଆଦର
ସୂର୍ଯ୍ୟ ତୁମେ ଆସ ନିର୍ଦ୍ଦିଷ୍ଟ ଦିଗବଳୟରୁ
ଆଲୋକିତ କର ତୁମେ ଏକ ଗୋଲାର୍ଦ୍ଧକୁ
ମନର ଅସମାହିତ ସ୍ୱପ୍ନ ଆଜି ମୋର ମନରୁ
ଆଜି ବି ଦେଖୁଛି ସେ ଅତୀତ ଦିନର ସ୍ୱପ୍ନ
ସେ ତ ଆଜି ସବୁ ବିପର୍ଣ୍ଣ
ଆଗାମୀ ପିଢ଼ିକୁ କିଛି ଦେବାପାଇଁ ମନ
ସେମାନଙ୍କର ଏଥିରେ ନାହିଁ କେବେ ମନଧାନ
ଏଠି ରାଜନୀତିରେ ସମସ୍ତେ ବଳୀୟାନ
ଆଉ ଅସଲ ଜ୍ଞାନୀକୁ ହେବାକୁ ପଡ଼େ ଭାରି ହିନମାନ
ଏଠି ଅସଲ କଥାକୁ କେହି କେବେ ଭାବେନି
ବୁଦ୍ଧିଥିବା ଲୋକଙ୍କୁ କେବେ କେବେ ସମ୍ମାନ ଦିଏନି
ବଜାରରେ ମିଳୁଥିବା ଗ୍ୟାରେଣ୍ଟିଦିଆ ଜିନିଷର ଭାରି ଏଠି ଆଦର
ଚଢ଼ା କ୍ୟାରେଟ୍ ସୁନାର ଏଠି ନାହିଁ ଆଦର
ବିନା ଯୋଗ୍ୟତା ସାର୍ଟିଫିକେଟବାଲାଙ୍କର ବେଶୀ ଆଦର
ଡିଗ୍ରୀଧାରୀ ଲୋକଟିର ନାହିଁ ଏଠି ଆଦର
କିଆ ବାଡ଼ର ଆର ପାଖେ ରହି
କୁମ୍ଭାଟୁଆକୁ ଧରିବାର ପ୍ରୟାସ
ଏହା ଏକ ଜୀବନର ନିଷ୍ଠିତରୂପେ
ହୀନ ପ୍ରୟାସ- ହୀନ ପ୍ରୟାସ

# ବର୍ଣ୍ଣିତ ଖଞ୍ଜନ

ଅଜିତ କୁମାର ମଲ୍ଲିକ



ମୁଖ ସୁଶୋଭିତ
ଖଞ୍ଜନ ନୟନ,
ରୂପ ତୁମ ଦେଖି
ଖେଳେ କ୍ଷିତିମନ ।
ମକରନ୍ଦ ଭରେ
ଫୁଲର ଯୌବନ,
ଅନୁପମ ମେଘ
ତୁମର ଚିତ୍ରଣ ।
ନିଶ୍ୱାସରେ ବହେ
ମଧୁର ପବନ,
ହସେ ତାର୍ ଦେଖି
ତୁମ ପ୍ରକଟନ ।
ସେହି ବିଧାତାକୁ
କରେ ମୁଁ ପ୍ରଣାମ,
ଗଢ଼ିଛି ତୁମକୁ
ଏତେ ଯେ ସ୍ୱର୍ଣ୍ଣିମ ।

ତେଲେଣ୍ଡା, ପୋଷ୍ଟ- ପଞ୍ଚମହଲ
ସୁବର୍ଣ୍ଣପୁର, ଓଡ଼ିଶା, ୭୬୭୦୬୨
ମୋବାଇଲ୍ - ୯୭୭୭୮୩୮୨୨୪

# ବ୍ୟସ୍ତତା ଭିତରେ ଦିନଟିଏ

ଅରବିନ୍ଦ ଆଚାର୍ଯ୍ୟ



ସୁକାନ୍ତ ବ୍ୟସ୍ତ ହୋଇପଡ଼ିଲା । ଲୋକଟା ସହ ଅବଶ୍ୟ ତା'ର କୌଣସି ଚିହ୍ନା ପରିଚୟ ନଥିଲା, ମାତ୍ର ତାହାବୋଲି ଏମିତ ଗୋଟିଏ ନିଛାଟିଆ ଜାଗାରେ କେହି ଜଣେ ରହିଯିବ, ସେ କଥାଟି ତାକୁ ଗ୍ରହଣଯୋଗ୍ୟ ମନେ ହେଉନଥିଲା । ବସ୍ ଛାଡ଼ି ଦେଇଥିଲା । ସୁକାନ୍ତ ଆଉଥରେ ଆଗକୁ ପଛକୁ ଚାହିଁଲା । ନା, ସମସ୍ତେ ଫେରି ଆସିଛନ୍ତି କେବଳ ସେଇ ଲୋକଟିକୁ ଛାଡ଼ି । ଲୋକଟି ତାହା ହେଲେ ଗଲା କୁଆଡ଼େ ? ପବନରେ ମିଳେଇଗଲା ନା କୌଣସି ଅସୁବିଧାରେ ପଡ଼ି ଅଟକି ଗଲା । ସେ ଚାହୁଁଥିଲା ପାଟିକରି କଣ୍ଡକ୍ଟରକୁ କହିବ । ମାତ୍ର ସେ ଲୋକଟି ସହ ତା'ର କଣ ପରିଚୟ ବୋଲି ଯଦି ପ୍ରଶ୍ନ ହୁଏ ତେବେ ସେ କଣ କହିବ ? ଯୁବତୀ ଝିଅର ସମସ୍ୟା ଅନେକ, ସେ ଅଚିହ୍ନା ଲୋକକୁ ଟିକେ ସାହାଯ୍ୟ କରିବ ପାରିବ ନାହିଁ । ଦୀର୍ଘ ନିଶ୍ୱାସଟିଏ ବାହାରିଗଲା ତା ଛାତି ଭିତରୁ । ବସର ଗତି ବଢ଼ିଯାଇଥିଲା । ସେ ଲୋକଟିର କଥା ଭାବୁ ଭାବୁ ସିଟକୁ ଆଉଜି ପଡ଼ିଲା । ଠିକ୍ ତା ମୁଣ୍ଡ ଉପରେ ଥିବା କଳା ବ୍ୟାଗଟାକୁ ଚାହିଁ । ପାଖରେ ବସିଥିବା ପ୍ରୌଢ଼ା ଜଣକ ବୋଧହୁଏ ତା'ର ବ୍ୟସ୍ତତାକୁ ଲକ୍ଷ୍ୟ କରିପାରିଥିଲେ । ତେଣୁ ପ୍ରଶ୍ନବାଚୀ ଦୃଷ୍ଟିରେ ତା'କୁ ଚାହୁଁଥିଲେ । ତାଙ୍କୁ ନିଜର ବ୍ୟସ୍ତତା ସମ୍ପର୍କରେ ସାମାନ୍ୟ ସୂଚନା ମଧ୍ୟ ନ ଦେଇ ଆଖି ବନ୍ଦକରି ଗଭୀର ଚିନ୍ତାରେ ବୁଡ଼ିଗଲା ।

ଆଜି ସକାଳୁ ସକାଳୁ ସେ କାହା ମୁହଁ ଚାହିଁ ଘରୁ ବାହାରିଥିଲା କେଜାଣି, ଗୋଟିଏ ପରେ ଗୋଟିଏ ଅସୁବିଧା ସବୁ ତା' କପାଳକୁ ଆସୁଛି । ସକାଳୁ ତରତର ହୋଇ ଘରୁ ବାହାରିବା ବେଳକୁ ଖିରି ଡେକଚିଟା ହାତରୁ ଖସି ପଡ଼ିଥିଲା । ସବୁ କ୍ଷୀରଯାକ ଘର ସାରା ଢାଳି ହୋଇଗଲା । ସେ ସବୁକୁ

ତରବରରେ ସଫା କରି ନିଜ ଜିନିଷପତ୍ର ସଜାଡ଼ି ବସ୍ ଧରିବାକୁ ରିକ୍ସା ଧରିଲି । ବାଟରେ ରିକ୍ସାର ଚକା ପଙ୍କ୍‌ଚର୍ ହୋଇଗଲା । ସେଇଠି ବେଶୀ ବିଳମ୍ବ ହେବାର ଅନୁମାନ କରି ଆଉ ଗୋଟିଏ ରିକ୍ସାରେ ବାଦାମବାଡ଼ି ଆସି ପହଞ୍ଚିଲି । ଯା ହେଉ ବସଟା ସତେ ଯେମିତି ତା ପାଇଁ ଅପେକ୍ଷା କରିଥିଲା । ହେଲେ ବସ ଭିତରେ ବସିବାପାଇଁ ସିଟ୍‌ଟିଏ ନଥିବା ଦେଖି ମନ ମରିଯାଇଥିଲା । କଣ୍ଡକ୍ଟରକୁ ଅନୁନୟ ହୋଇ କହିଲା, 'ଲେଡ଼ିଜ ପାଇଁ ଗୋଟିଏ ସିଟ୍ ବ୍ୟବସ୍ଥା କରି ପାରିବେନି ?' ଏହା ଶୁଣି କଣ୍ଡକ୍ଟର କିଛି ସମୟ ଚିନ୍ତା କରି କହିଲେ, 'ହଉ ଦେଖିବା ଆସନ୍ତୁ ।'

ଆଶ୍ୱସ୍ତିବାଣୀ ଶୁଣି ଆଟାଚି ଓ କିନାବ୍ୟାଗକୁ ଧରି ବସ ଚଢ଼ିଲା । ବସ ଛାଡ଼ିବା ବେଳେ, ତା ଭିତରକୁ ଜଣେ ଯୁବତୀ ଝିଅ ଜିନିଷପତ୍ର ଧରି ଉଠିବା ଦୃଶ୍ୟଟା ବୋଧହୁଏ ସବୁ ଯାତ୍ରୀଙ୍କୁ ଉପଭୋଗ୍ୟ ହେଉଥିଲା । ତେଣୁ ସମସ୍ତେ ଭିଡ଼ିଓ ଦେଖିବା ପରି ଚାହିଁ ରହିଥିଲେ ସୁକାନ୍ତକୁ । ଆଗେ ଆଗେ କଣ୍ଡକ୍ଟର ଯାଇ ଗୋଟିଏ ଦୁଇ ଜଣିଆ ସିଟ୍ ପାଖରେ ଛିଡ଼ା ହୋଇ ଗୋଟିଏ ଲୋକକୁ କିଛି ପ୍ରଶ୍ନ କରୁଥିଲା । ସୁକାନ୍ତ ସେ କଥାପ୍ରତି ଧ୍ୟାନ ଦେଇନଥିଲା । ସେ ବସର ଗେଟ୍ ପାଖରେ ଠିଆ ହୋଇ ବସର ବିକଟ ଚିତ୍କାର ଭିତରେ ମାନସିକ ସ୍ଥିତିକୁ ସବଳ କରିବାକୁ ଚେଷ୍ଟା କରୁଥିଲା । କିଛି ସମୟ ପରେ ଲୋକଟା ତା ବସିବା ସ୍ଥାନରୁ ଉଠି ଆସିଲା । କଣ୍ଡକ୍ଟରଙ୍କ ଇଶାରାରେ ସୁକାନ୍ତ ନିଜ ସାମାନ ସବୁ ଧରି ସେ ଆଡ଼କୁ ଗଲା । ସେତେବେଳକୁ ଲୋକଟା ସୁକାନ୍ତ ନିକଟରେ ପହଞ୍ଚି ସାରିଥିଲା । କହିଲା ଆଟାଚିଟା ଉପରେ ରଖିଦିଅନ୍ତୁ । ସେ କିଛି କହିବା ପୂର୍ବରୁ ସେ ନିଜେ ଆଟାଚିଟା ନେଇ ଉପର ରାକରେ ରଖିଦେଇଥିଲା । ବୟସ ତିରିଶି ହେବ ସେ ଲୋକଟାର । କୁଞ୍ଚୁକୁଞ୍ଚିଆ ଚୁଟି । ଆଖି ଚମକୁଥାଏ କିନ୍ତୁ ମୁହଁରେ ଅଯତ୍ନବର୍ଦ୍ଧିତ ଦାଢ଼ୀ । ବୋଧହୁଏ କୌଣସି ଚିନ୍ତାଗ୍ରସ୍ତ ହୋଇପଡ଼ିଛି ।

ଆଟାଚିଟା ରଖିଦେଇ ସିଧା ବସର କ୍ୟାବିନ ଭିତରକୁ ପଶିଗଲା ଲୋକଟା । ସୁକାନ୍ତ ଖାଲି ହୋଇଥିବା ସିଟରେ ଯାଇ ବସିଗଲା । କଣ୍ଡକ୍ଟର କହିଲା, 'ଏଠି ବସିଥାନ୍ତୁ, ଦେଖିବା ଆଗକୁ ଯଦି କେହି ସିଟ୍ ଖାଲି କରନ୍ତି ତା ହେଲେ ଆପଣଙ୍କୁ ଅନ୍ୟ କେଉଁଠିକି ଚେଞ୍ଜ୍ କରିଦେବା ।'

ହାତଘଣ୍ଟାକୁ ଲକ୍ଷ୍ୟ କଲା ସୁକାନ୍ତ । ସମୟ ସାଢ଼େ ଦଶ ତଥାପି ଗାଡ଼ି ଗର୍ଜୁଥାଏ । ବହୁତ ସମୟ

ପରେ ଗାଡ଼ି ଗଡ଼ିଲା । ସୁକାନ୍ତି ମନେ ମନେ ଭାବୁଥାଏ କେତେବେଳେ ଯାଇ ସେ ଘରେ ପହଞ୍ଚିବ ! ଅତି କମରେ ରାତି ସାଢ଼େ ସାତ ପୂର୍ବରୁ ନୁହେଁ । ଆଗରୁ ଯେତେଥର ଯାଇଛି ସବୁଥର କିନ୍ତୁ ସନ୍ଧ୍ୟା ଛଅ ପୂର୍ବରୁ ପହଞ୍ଚିଯାଇଛି । କିନ୍ତୁ ଆଜି ନିଶ୍ଚୟ ଡେରି ହେବ ।

ଘରେ ପହଞ୍ଚୁ ପହଞ୍ଚୁ ବୋଉ କହିବ, 'ଏତେ ରାତିରେ ଏକୁଟିଆ ଝିଅଟେ ? ଟିକେ ସଅଳ ଆସିଲେ ହୁଅନ୍ତା ନି ?' ବାପା କିନ୍ତୁ ଗମ୍ଭୀର ଭାବରେ କହିବେ, 'ସୁକାନ୍ତିକୁ କଣ ବୋଲି ଭାବିଲ କି ? ସିଏ କଣ ତମ ଭଳିଆ ପୁରୁଣାକାଳିଆ ଝିଅ ହେଇଛି କି ? ତା ପାଇଁ ମୋଟେ ଚିନ୍ତା କରନି । ଆମ ଝିଅକୁ କେବେ କିଛି ଅସୁବିଧା ହେବନି ।'

ଏମିତି ଛୁଟି ପଡ଼ିଲେ ଘରକୁ ଯାଏ ସୁକାନ୍ତି । ତା'ରି ଉପରେ ଘରର ସମସ୍ତ ଦାୟିତ୍ୱ । ବାପାଙ୍କ ଦେହ ଅସୁସ୍ଥ ତେଣୁ ମାଆ ମଧ୍ୟ ଘରଛାଡ଼ି ଆସି ତା ପାଖରେ ରହିପାରନ୍ତି ନାହିଁ । ସାନ ଭଉଣୀ ଦି'ଟାଙ୍କର ପାଠପଢ଼ା ମଧ୍ୟ ତା ଦାୟିତ୍ୱର ପରିଧି ଭିତରେ ।

ଏମିତି ଘର କଥା ସବୁ ଭାବୁଭାବୁ ଆଖିକୁ ନିଦ ଆସିଯାଇଥିଲା । କେତେ ସମୟ ଶୋଇପଡ଼ିଲା ଜାଣିନି । ନିଦ ଭାଙ୍ଗିଲା ବେଳକୁ ଦେଖିଲା ଗୋଟିଏ ନିଛାଟିଆ ଜାଗାରେ ବସ୍ ଠିଆ ହୋଇଛି । ପ୍ରାୟ ସବୁ ଯାତ୍ରୀ ତଳକୁ ଓହ୍ଲେଇ ଯାଇ ବାହାରେ ବୁଲୁଛନ୍ତି । ଝରକା ବାଟ ଦେଇ ବାହାରକୁ ଚାହିଁଲା । ଯାତ୍ରୀଙ୍କ କଥାବାର୍ତ୍ତାରୁ ଜଣାପଡୁଥିଲା ଗାଡ଼ି ଖରାପ୍ ହୋଇଯାଇଛି । ପ୍ରାୟ ଅଧଘଣ୍ଟା ହେବ ଗାଡ଼ି ବନ୍ଦ ହୋଇଛି । ହାତଘଣ୍ଟାକୁ ଚାହିଁଲା । ପାଞ୍ଚଟା ବାଜିବାକୁ ଆହୁରି ପନ୍ଦର ମିନିଟ୍ ବାକି ଅଛି । ବ୍ୟସ୍ତ ହୋଇପଡ଼ିଲା । ଗାଡ଼ିରୁ ଓହ୍ଲାଇ ପଡ଼ିବାକୁ ଉଦ୍ୟତ ହେଉଥିଲା ବେଳେ ପୂର୍ବୋକ୍ତ ସେଇ ବ୍ୟକ୍ତି ଜଣକ କହିଲା, 'ଗରମରେ ଗାଡ଼ି ଭିତରେ କାହିଁକି ବସିଛନ୍ତି ? ଗାଡ଼ି ଆଜି ଆଉ ଠିକ୍ ହେବାଭଳି ଲାଗୁନି । ମୋର ବ୍ୟାଗଟା ଏଇ ସିଟ୍ ଉପରେ ରେକ୍ ଉପରେ ଅଛି । ଟିକେ ଧ୍ୟାନ ରଖିଥିବେ । ମୁଁ ଆଗରେ ଗୋଟିଏ ଢାବା ଅଛି ସେଇଠିକୁ ଯାଉଛି, ଦେଖିବା କଣ ଖାଇବାକୁ ମିଳୁଛି ନା ନାହିଁ !' ସୁକାନ୍ତି କଣ କହିବ ଚିନ୍ତା କରିପାରୁନଥିଲା, କେବଳ ସମ୍ମତିସୂଚକ ମୁଣ୍ଡ ହଲାଇବା ଠିକ୍ ବୋଲି ଭାବିଲା । ଲୋକଟା ମଧ୍ୟ ତରତର ହୋଇ ବ୍ୟାଗରୁ କିଛି ଜିନିଷ ବାହାରକରି ବ୍ୟାଗକୁ ପୂର୍ବବତ ଥୋଇଦେଇ ଚାଲିଗଲା ।

ଯେଉଁ କେତେଜଣ ସ୍ତ୍ରୀଲୋକ ବାହାରକୁ ଯାଇଥିଲେ, ସମସ୍ତେ ଜଣେ ଜଣେ ହୋଇ ଗାଡ଼ିରେ ଆସି ବସିଗଲେଣି । ସମସ୍ତଙ୍କ ମନ ବ୍ୟସ୍ତ ଥାଏ । ନିଘଞ୍ଚଟିଆ ଜଙ୍ଗଲ ରାସ୍ତା । ଏଣେ ସନ୍ଧ୍ୟା ବି ହୋଇ ଆସିଲାଣି । ଅନ୍ୟଗାଡ଼ି କିଛି ସେଇ ରାସ୍ତା ଦେଇ ଯାଏନାହିଁ ବୋଧହୁଏ । ଅନେକ ସମୟ ହେଲା ଗୋଟିଏ ହେଲେ ଗାଡ଼ି ଦେଖାନାହିଁ । ଲୋକମାନେ ଅପେକ୍ଷା କରିଥାନ୍ତି, କେବେ ଗାଡ଼ି ସଜଡ଼ା ହେବ ଆଉ ସେମାନେ ଯିବେ । ସୁକାନ୍ତକୁ ମଧ୍ୟ ଭୀଷଣ ଭୋକ ହେଲାଣି । କିନ୍ତୁ କିଛି ଉପାୟ ନଥାଏ । କେବଳ ହାତଘଣ୍ଟାକୁ ବାରମ୍ବାର ଚାହୁଁଥାଏ ।

ହଠାତ୍ ଡ୍ରାଇଭର ଗାଡ଼ିକୁ ଉଠି ଆସି ଗାଡ଼ି ଷ୍ଟାର୍ଟ୍ କଲା । କହିବା ବାହୁଲ୍ୟ ଗାଡ଼ି ଠିକ୍ ହୋଇଯାଇଥିଲା । ଗାଡ଼ିର ଶବ୍ଦ ଆଉ ହର୍ଣ୍ଣ ଶୁଣି ସବୁ ଯାତ୍ରୀମାନେ ଗାଡ଼ିରେ ପ୍ରବେଶ କଲେ । ହେଲେ ସୁକାନ୍ତ ବ୍ୟସ୍ତ ହେଉଥିଲା ସେଇ ଲୋକଟା ପାଇଁ । କାରଣ ସେ ଲୋକଟା ନିଜର ବ୍ୟାଗ ତାକୁ ଦେଇ ଯାଇଥିଲା ।

ଗଭୀର ଭାବନା ଭିତରୁ ପୁଣି ଫେରିଆସିଲା ସୁକାନ୍ତ । କୁଆଡ଼େ ଆଉ ଯାଇଥିବ ଲୋକଟା ? ଢାବାରେ କଣ ଡେରି କରିଲା ? କେତେଦୂର ହୋଇଥିବ କେଜାଣି ଢାବାଟା ? ନିଘଞ୍ଚଟିଆ ଜାଗାଟା । କିନ୍ତୁ ଯଦି ଢାବାରେ ଖାଇ ଫେରି ଦେଖିବ ଯେ ବସ ନାହିଁ, ତ ସେ କଣ କରିବ ? ବସରେ ତା ବ୍ୟାଗ ମଧ୍ୟ ରହିଯାଇଛି, ହୁଏତ ସେ ବସର ପଛରେ ଆସିବାର ପ୍ରୟାସ କରୁଥିବ ।

କାହିଁକି କେଜାଣି ଆଜର ଦିନଟା ତା'ର ଏମିତି ହେଉଛି ? ସବୁ ଦୁର୍ଘଟଣା ତା'ରି କପାଳକୁ ? ବସଟା ବି ଖରାପ ହେବାର ଥିଲା ସେଇ ନିଘଞ୍ଚଟିଆ ଜାଗାରେ ? ଆଉ ତା ଦାୟିତ୍ୱରେ ବ୍ୟାଗ ଥୋଇଦେଇ ଲୋକଟା ଗଲା ଯେ ଫେରିଲାନି ? ନିଜକୁ ଦୋଷୀ ମନେ କରୁଥିଲେ ମଧ୍ୟ, ଯେହେତୁ ଯୁବତୀ ଝିଅଟିଏ ତେଣୁ ପାଟି ଫିଟେଇ କାହାକୁ କିଛି କହିବାକୁ ସାହାସ ଜୁଟାଇ ପାରୁନଥିଲା । କିପରି ଏକ ଅଭାବନୀୟ ପରିସ୍ଥିତିରେ ପଡ଼ିଯାଇଥିଲା ସେ ।

ବସ୍‌ଟା ଲେଟ୍ ହୋଇଯାଇ ଥିବାରୁ ଆଉ ବାଟରେ କୋଉଠି ନ ଅଟକାଇ ସିଧା ଗନ୍ତବ୍ୟ ସ୍ଥଳକୁ ଯାଉଥିଲା । ଯାହେଉ ଟିକେ ଅଧିକ ବେଗରେ ଆସିଲା ସିନା ହେଲେ ଠିକ୍ ସାତଟା ବେଳକୁ

ବସଷ୍ଟାଣ୍ଡରେ ପହଞ୍ଚିଗଲା । ସବୁ ଯାତ୍ରୀମାନେ ଜଣେ ଜଣେ କରି ବାହାରି ଯାଉଥିଲେ, ସୁକାନ୍ତ ଚିନ୍ତାରେ ଥିଲା କଣ କରିବ ? ବ୍ୟାଗଟା କଣ୍ଡକ୍ଟରର ଜିମାରେ ଦେଇ ଯିବ ନା ନିଜେ ନେଇ ଯିବ ? ନିଜେ ନେଲେ ପୁଣି ସେ ଲୋକ ଯଦି ଖୋଜି ଖୋଜି ଘରକୁ ଆସେ, କିଏ କଣ ଭାବିବ ? କଣ୍ଡକ୍ଟରକୁ ଦେଲେ ସେ ଯଦି ସେଇ ଲୋକକୁ ନ ଦେଇ ନିଜେ ନେଇଯାଏ ତ ପରେ ସେ ଲୋକ ଦେଖାହେଲେ ସେ କଣ କହିବ ? ଏମିତି ଏକ ଅସମଞ୍ଜସ୍ୟ ଭିତରେ ଥିବା ବେଳେ ହଠାତ୍ ଝରକା ପାଖରୁ ଗୋଟିଏ ହାତ ତାକୁ ଡାକିଲା ପରି ଦେଖାଗଲା । ନିରଖେଇ ଦେଖିବା ବେଳକୁ ସେଇ ପୂର୍ବୋକ୍ତ ବ୍ୟକ୍ତି । ଓଃ ସୁକାନ୍ତର ସବୁ ଚିନ୍ତା ସତେ ଯେମିତି ଗୋଟିଏ ମୁହୂର୍ତ୍ତରେ ଉଭାନ ହୋଇଗଲା । ଅଜାଣାରେ ପାଟିରୁ ବାହାରି ଗଲା, 'କୋଉଠି ଥିଲେ ? ଗାଡ଼ି ଛାଡ଼ି ଦେବାପରେ ବହୁତ ଚିନ୍ତା କରୁଥିଲି ମୁଁ ?' ଲୋକଟା ବି ସାମାନ୍ୟ ହାଲିଆ ହେବାପରି ଲାଗୁଥିଲା କହିଲା, 'ମ୍ୟାଡ଼ାମ୍ ଗାଡ଼ି ଛାଡ଼ିଦେବାପରେ ମୁଁ ପଛେ ପଛେ ଗୋଟେ ଟ୍ରକରେ ବସି ଆସିଛି । ବାଟରେ କେଉଁଠି ଏଇ ଗାଡ଼ି ରଖିଲା ନାହିଁ ତ ତେଣୁ ଆସି ପାରିଲି ନାହିଁ । ଯା ହେଉ ଆପଣଙ୍କ ପାଖରେ ମୋ ବ୍ୟାଗଟା ସୁରକ୍ଷିତ ଅଛି । ଏଇ ଝରକା ବାଟରେ ଦେଇ ଦିଅନ୍ତୁ ମୁଁ ନେଇଯିବି ।' ସୁକାନ୍ତ ବ୍ୟାଗଟିକୁ ଝରକା ଦେଇ ବଢ଼ାଇଦେବା ପରେ ସେ ଲୋକଟା ବ୍ୟାଗକୁ କାନ୍ଧରେ ପକାଇ ଅନ୍ଧାରରେ ପୁଣି ଥରେ ଉଭାନ ହୋଇଯାଇଥିଲା, ହେଲେ ସୁକାନ୍ତର ଆଉ ଚିନ୍ତା କରିବାର ନଥିଲା । ବସରୁ ଓହ୍ଲାଇପଡ଼ି ରିକ୍ସା ଡାକିଲା ଘରକୁ ଯିବାପାଇଁ । ଆଟାଚ୍ ଆଉ ବ୍ୟାଗ ରଖୁଥିବା ବେଳେ ପୁଣିଥରେ ଚିନ୍ତାରେ ପଡ଼ିଗଲା ସେ । ବ୍ୟାଗଟା ତା'ର ନଥିଲା, ବୋଧହୁଏ ସେଇ ବ୍ୟକ୍ତି ନେଇଯାଇଥିବା ବ୍ୟାଗ ତା'ର ଥିଲା ! ! !

ଇମେଲ୍ : - aarabinda504@gmail.com

# ଆଲିଏନ୍

ବିଦ୍ୟାଧର ପଣ୍ଡା



ପ୍ରାୟ ପନ୍ଦରବର୍ଷ ପରେ ଦୁଇ ବନ୍ଧୁଙ୍କ ଭେଟ । ଜଣେ ପାଠ ପଢ଼ିଲାପରେ ଗାଁ ମାଟି କାମୁଡ଼ି ପଡ଼ି ରହିଛି । କଷ୍ଟେ ମଷ୍ଟେ ବଞ୍ଚି ରହିଛି । ପ୍ରଥମେ ଗୋଟିଏ ଠିକା ଚାକିରୀ କରୁଥିଲା । ଏଇ ଅଳ୍ପ ଦିନ ତଳେ ନିୟମିତ ହୋଇଛି । ଦରମା ସେମିତି ଆଖି ଦୃଶିଆ ନୁହେଁ । କୌଣସି ମତେ ଚଳି ଯାଇହେବା ଭଳି ଅବଶ୍ୟ ।

ବହୁ ଦିନପରେ ଦର୍ଶନ ମିଳିଥିବା ବନ୍ଧୁଜଣକ କଲେଜରେ ପଢ଼ିବା ସମୟରୁ ଛୋଟକାଟିଆ ସେଲିବ୍ରିଟି । କଲେଜରେ ପାଦ ଦେବା ଦିନଠାରୁ ନୂଆ ନୂଆ ବାଇକ୍ ଚଢ଼ି ଆସିବା ଥିଲା ତା'ର ସଉକ । ବାପାଙ୍କ ଖୋଲା ହାତ ଆଉ ମା'ର ସ୍ନେହ ବାଟ ଦେଇ ତା' ପକେଟକୁ ଚାଲି ଆସୁଥିଲା ଭଲ ପରିମାଣର ଟଙ୍କା । ହାତରେ କଞ୍ଚା ପଇସା, ଆଖିରେ ବହଳ ନିଶା । ଯୌବନର ଉଦ୍ଦାମତାରେ ଭାସୁଥିବା ବେଳାର ଅନ୍ଧ ସମୟ । ଆଖି ତ ସେତେବେଳେ ସ୍ୱପ୍ନଭରା । ଆଉ ମନ କେଉଁ ଅଜଣା କୋଣରେ ବନ୍ଧା । ନିଜର ଷ୍ଟାଇଲ, ଆଉ ଦିଲଦାର ଜୀବନଶୈଳୀ ପାଇଁ ସହପାଠୀମାନଙ୍କ ନଜରରେ ସେ ସେଇ ଦିନରୁ ପାଲଟି ଯାଇଥିଲା ସୁପରଷ୍ଟାର । ମନରେ ଡେଣାଲାଗି ସାରିନଥିବା ତରୁଣୀ ମାନଙ୍କ ନଜରରେ ସେ ଥିଲା ଅଦ୍ଭୁତ ସ୍ୱପ୍ନର ସୌଦାଗର ।

ଗୋଟିଏ କଲେଜରେ ଏକାଠି ପାଞ୍ଚବର୍ଷର ପଢ଼ା । ପରେ ପରେ ସେ ହଠାତ କୁଆଡ଼େ ଗାୟବ ହୋଇଗଲା । ବାପାଙ୍କର ଆର୍ଥିକ କ୍ଷମତା ତା'ର ସବୁ ଇଚ୍ଛାକୁ ସାକାର କରିବା ଲାଗି ଯେମିତି ଖୋସାମତ କରିବା ଭଙ୍ଗୀରେ ତାକୁ ଚାହିଁ ରହିଥିଲେ । କଲେଜ ପଢ଼ା ସରିବାପରେ ସେ କଣ ଅଧିକ ପଢ଼ିଲା ଗାଁର ସାଙ୍ଗଟି ଆଉ ନିଜ ଜୀବନଜଞ୍ଜାଳ ଭିତରେ ତା'ର ଟିକିନିଖି ଖବର ରଖି ପାରି ନଥିଲା । ପାରିବାରିକ

ଆବଶ୍ୟକତା କାରଣରୁ ତା'ର ବିବାହ ହୋଇଯାଇଥିଲା ସାମାନ୍ୟ ଶୀଘ୍ର । ଜୀବନଜଞ୍ଜାଳ ଭିତରେ ବୁଡ଼ିରହି ପ୍ରାୟ ଭୁଲି ଯାଇଥିଲା ଧନୀ ସାଙ୍ଗକୁ ।

ଆଇଟିରେ ଉଚ୍ଚଶିକ୍ଷା ସରିବାପରେ ପରେ ସେ କୁଆଡ଼େ ବାଙ୍ଗାଲୋରରେ ଚାକିରୀ ଜୀବନ ଆରମ୍ଭ କରିଥିଲା । ମୋଟା ଦରମା । ମାସକୁ ମାସ ଏଟିଏମରେ ଜମା ହେଇଯାଉଥିଲା ପୁଳା ପୁଳା ଟଙ୍କା । ଏଣିକି ବାଇକ୍ ବଦଳରେ କାର ପାଲଟି ଯାଇଥିଲା ତା'ର ନୂଆ ନିଶା । ଅଯସର ତରଙ୍ଗ ଜୀବନକୁ ଯେତିକି ଯେତିକି ମତୁଆଲା କରୁଥିଲା ସେତିକି ସେତିକି ସ୍ୱପ୍ନର ଦୁନିଆରେ ବୁଡ଼ିରହୁଥିଲା ସେ । ସୁନ୍ଦରୀ ଜୀବନସାଥୀଟିଏ ବି ପାଇଥିଲା ।

ସାଙ୍ଗ ବିଷୟରେ ଏତିକି ଯାହା ଶୁଣିଥିଲା ଗାଁର ସାଙ୍ଗଜଣକ । ବହୁବର୍ଷ ପରେ ଦେଖା ଅବସରରେ ସେଇ ଗତାନୁଗତିକ ପିଲାଛୁଆ, ପତ୍ନୀଙ୍କ ହାଲଚାଲ ପଚାରିବସିଲା । ପୁଣି ଏହା ସାଥିରେ ବି ବାଇକ୍ ମୋହ କଥାଟା ସ୍ୱାଭାବିକ ଭାବେ ବାହାରି ଆସିଲା ତା' ପାଟିରୁ ।

ପ୍ରଚଣ୍ଡ ବୈଶାଖରେ ଯେମିତି ମେଞ୍ଚାଏ ବାଦଲ ଏକକାଳୀନ ବର୍ଷିବାକୁ ଓହ୍ଲାଇ ଆସିଲେ ଅଗ୍ରନକ । ସହରରେ ସୁନ୍ଦରୀ ପତ୍ନୀ ଆଉ ପିଲାଛୁଆଙ୍କୁ ନେଇ ସାଙ୍ଗର ଜୀବନ କେତେ ରଙ୍ଗୀନ ହୋଇଥିବ, ଏମିତି ଗୋଟିଏ କଳ୍ପନାର ଚିତ୍ର ମନେ ମନେ ଆଙ୍କି ପକାଉଥିଲା ସେ । ହେଲେ ତାକୁ ବିସ୍ମିତ କରିଦେଲା ବାଙ୍ଗାଲୋରରୁ ଏଇମାତ୍ର ଗାଁକୁ ଆସିଥିବା ସାଙ୍ଗର ଭଜା ଭଜା କୋଇପଦ କଥା ।

-ନାଁ ରେ... । ଜୀବନର କାନଭାସରେ ମୋର ଉଡ଼ିଯାଇଛି ସବୁ ରଙ୍ଗ । ଟଙ୍କାର ପାହାଡ଼ ଉପରେ ମୁଁ ଏବେ ବସିଛି । ହେଲେ ଜୀବନଟା ପାଲଟି ଯାଇଛି ଧୁ ଧୁ ତତଲା ମରୁଭୂମି । ଜୀବନଟା ସୁଖମୟ ହେବା ବଦଳରେ ବିଷମୟ ପାଲଟି ଯାଇଛି । ଆଃ... ଦୀର୍ଘଶ୍ୱାସ ନେଇ ପୁଣି ଆରମ୍ଭ କଲା ଯନ୍ତ୍ରଣାଭରା କଥାର ଧାରା ।

ବାଙ୍ଗାଲୋରରେ ଚାକିରୀ କରିବା ପରେ ମୋର ଜୀବନଶୈଳୀ ବଦଳିଗଲା । କଲେଜ ଜୀବନରେ ବାଇକ୍ ମୋହପରେ ମୋତେ ବିଭିନ୍ନ ବିଦେଶୀ କମ୍ପାନୀର କାର୍ ମୋହ ଲାଗିଗଲା । ତା'ପରେ ମୁଁ ଭରା ନଇର ଖର ସୁଅରେ ପଡ଼ି ଆଉ ଯେମିତି କିଛି ଥଳକୂଳ ପାଇନଥିଲି । ପରିବାର, ସାଙ୍ଗସାଥୀ କିଛି ବି

ମନରେ ନଥିଲା । ଦୁନିଆ ଯେମିତି ମୋ ହାତ ମୁଠାରେ । ଚକ୍‌ମିକ୍ ନୂଆ ବ୍ରାଣ୍ଡର ଫରେନ୍ କାର ଆଉ ଲଙ୍ଗ ଡ୍ରାଇଭରେ ସୁନ୍ଦରୀ ତରୁଣୀଙ୍କ ସାନ୍ନିଧ୍ୟ । ମୁଁ ନିଜକୁ ଭୁଲି ଯାଇଥିଲି ।

ଚାକିରୀ ଦୁଇବର୍ଷ ନ ପୁରୁଣୁ ବାପାମା' ପୁରା ଅଥୟ ହୋଇପଡ଼ିଲେ । ସେମାନେ ଏକପ୍ରକାର ଜିଦ୍ ଧରିବସିଲେ ମୋର ବିବାହ ସାରିଦେଇ ଜଞ୍ଜାଳମୁକ୍ତ ହୋଇଯିବାପାଇଁ । ଆଉ ଅଳ୍ପ ଦିନ ମଧ୍ୟରେ ମୋ ପାଇଁ ବାଛିଦେଲେ ସୁନ୍ଦରୀ ଝିଅ । ମୋର କିଛି ମନା କରିବାର କାରଣ ନଥିଲା । କାରଣ ସେମିତିକା ତରୁଣୀଟିଏ ମୋ ଜୀବନରେ ଆସିବା ତ ମୁଁ ଚାହୁଁଥିଲି । ନିହାତି ଦର୍ଶନୀୟା ଭାବରେ ସୁନ୍ଦରୀ, ଆଧୁନିକା ସମାଜ ପାଇଁ ସ୍ମାର୍ଟ୍, ଆଉ ଆମ ସମୟର ମାପକାଠିରେ ଉଚ୍ଚ ଶିକ୍ଷିତା । ବିବାହ ସରିଗଲା । ହେଲେ ତା'ପରଠୁ ମୁଁ ଯେମିତି ଆଶା କରିଥିଲି ସେମିତି କିଛି ହେଲାନି । ସୋନାଲି ଉଚ୍ଚଶିକ୍ଷିତା ହେଲେ ମଧ୍ୟ ତା ଭିତରେ ଥିଲା ଓଡ଼ିଆ ଘରର ସଂସ୍କାର । ବାଙ୍ଗାଲୋରରେ ଅନେକ ବର୍ଷ କଟାଇଥିଲେ ବି ସେ ଥିଲା ଭିନ୍ନ ଚିନ୍ତାଧାରର ଝିଅ । ସବୁଦିନ କାରରେ ମୋ ସହ ବୁଲିବା ପାଇଁ ତା ମନରେ ଉତ୍ସାହ ବା ଇଚ୍ଛା ନଥିଲା ।

ମନର ସବୁ ସରାଗ ମୋର ମରିଗଲା । ଅଳ୍ପ ଦିନ ମଧ୍ୟରେ ମୋର ପୁରୁଣା ଅଭ୍ୟାସ ମୋତେ ହାତଠାରି ଡାକିଲା । ପଇସା ଖର୍ଚ୍ଚ କରିବାର କ୍ଷମତା ଥିଲେ ମହାନଗରୀରେ ସାଥୀର ଅଭାବ ପଡ଼େନି । ସ୍ୱର୍ଗର ପରୀ ବି ଆସି ଧରା ଦିଅନ୍ତି । ଏଣିକି ପତ୍ନୀଙ୍କୁ ଘରେ ଅଚିନ୍ତାରେ କେବଳ କିଛି ଶୁଖିଲା ସ୍ୱପ୍ନ ଓ କଳ୍ପନା ସହ ଖେଳିବାକୁ ଏକା ଛାଡ଼ିଦେଇ ପ୍ରାୟ ସବୁଦିନ ନୂଆ ନୂଆ ସାଥୀକରି ଢେର୍ ବୁଲିଲି । ବେଶ୍ ମସ୍ତି କଲି । ବିଳମ୍ବିତ ରାତ୍ରୀରେ ଘରକୁ ଫେରିଲି । ନୂଆ ନୂଆ କାର୍ ଆଉ ନୂଆ ନୂଆ ସାଥୀଙ୍କ ମତୁଆଲା ସ୍ପର୍ଶରେ ମୁଁ ନିଜକୁ ଗୋଟାପଣେ ଭୁଲିଗଲି । ଆଃ...

ହେଲେ ସେଇ ଖୁସି ବେଶୀଦିନ ରହିଲା ନାହିଁ । ଗୋଟିଏ ଛାତ ତଳେ ରହୁଥିଲେ ବି କିଛି ବର୍ଷ ଭିତରେ ସୋନାଲି ମୋଠାରୁ ହଜାର ହଜାର ମାଇଲ୍ ଦୂରକୁ ଚାଲିଯାଇଥିଲା । ହେଲେ ସେ କେବେ ବି ପାଟି ଖୋଲିନଥିଲା । କିନ୍ତୁ ଜୀବନର ସବୁ ସରାଗ ହରାଇ ବସିଥିଲା । ଏପରିକି ଟିଭି ଦେଖିବା, ଯାହା ଥିଲା ତା'ର କିଶୋରୀ ବୟସର ସବୁଠାରୁ ପ୍ରିୟ ମନୋରଞ୍ଜନ, ତାକୁ ବି ପୁରା ଭୁଲି ଯାଇଥିଲା ସେ ।

ତା'ର ଉଦାସ ଚେହେରା ଓ ଶୂନ୍ୟ ଦୃଷ୍ଟିକୁ ମୁଁ ସାମନା କରି ପାରୁନଥିଲି । ହଁ ପିଲାଦିନୁ ମା'କୁ ହରାଇଥିବା ସୋନାଲି ଏହା ଭିତରେ ବାପାଙ୍କୁ ବି ହରାଇ ସାରିଥିଲା । ମୋ ପାଖରୁ କିଛି ଆଶା କରିବା କଥାକୁ ସେ ମନରୁ ପୋଛି ସାରିଥିଲା । ମୁଁ ମୋର ରଙ୍ଗୀନ ଜୀବନରେ ବୁଡ଼ି ରହି ତା'ଉପରେ ନଜର ପକାଇବାକୁ ସତେ ଯେମିତି ସମୟ ପାଉନଥିଲି ।

ବାପା ଅବସର ନେବାପରେ ଭୁବନେଶ୍ୱରରେ ଘର ତୋଳିଥିଲେ । ସେଇଠି ବାପା ମା ରହୁଥିଲେ । ବାପା ମୋ ପାଖକୁ ଆସିବାକୁ ବିଶେଷ ଆଗ୍ରହ କରୁନଥିଲେ । ହେଲେ ମା ରହିପାରୁନଥିଲା । ସବୁ ମା'ଙ୍କ ଭଳି ମୋ ମା ମଧ୍ୟ ପୁଅର ଖୁସି ଦେଖିବାପାଇଁ କେବେ କେମିତି ବାଙ୍ଗାଲୋର ଚାଲି ଆସୁଥିଲା । ହେଲେ ମୁଁ ତ ପାଲଟି ଯାଇଥିଲି ଜଣେ ଭିନ୍ନ ମଣିଷ, ଆଲିଏନ୍ । ଯେଉଁ ମା କେତେ କଷ୍ଟ ସମ୍ଭାଳି ମୋତେ ପିଲାରୁ ବଡ଼ କରିଥିଲା ତାକୁ ବି ସମୟ ଦେଉନଥିଲି । ଲିଙ୍ଗ୍ ଡ୍ରାଇଭର ମସ୍ତି ମୋ ମୁଣ୍ଡକୁ ସମ୍ପୂର୍ଣ୍ଣ ବିଗାଡ଼ି ଦେଇଥିଲା । ଏ ସବୁ ଘଟି ଚାଲିଥିଲେ ବି ସୋନାଲୀଠାରେ କିଛି ଭାବାନ୍ତର ନଥିଲା । ସେ ଥିଲା ଅଦ୍ଭୁତ ଥମ୍ ଥମ୍ । କେବେ କାହା ଆଗରେ ତାର ବ୍ୟକ୍ତିଗତ ଜୀବନ ବିଷୟରେ କଥା ହେବାର ମୁଁ ଶୁଣିନଥିଲି । ମୋବାଇଲରେ କାହା ସହ କଥା ହେବେ ସେ କେବେଠାରୁ ବନ୍ଦ କରିଦେଇଥିଲା । ଗୋଟିଏ ଛାତ ତଳେ ଆମେ ଏମିତି ଏକ ଜୀବନ କାଟୁଥିଲୁ ଯାହା ଥିଲା ବେଶ ବିସ୍ମୟକାରକ । ମୁଁ ଘରେ ପହଞ୍ଚିବାମାତ୍ରେ ସେ କିଛି କ୍ଷଣ ପାଇଁ ତତ୍ପର ହୋଇ ଉଠୁଥିଲା । ମେସିନ ଭଳି ଡାଇନିଂ ଟେବୁଲରେ ଖାଦ୍ୟ ପରଶି ଦେଉଥିଲା । ପତିବ୍ରତା ପତ୍ନୀଭଳି ସ୍ୱାଭାବିକ ଭାବେ ଏ ସବୁ କରୁଥିଲା । ଆମେ ରାତି କାଟୁଥିଲୁ ଗୋଟିଏ ଛାତତଳେ, କାଟୁଥିଲୁ କହିହେବନି, ବରଂ କହିପାରି ସକାଳର ଅପେକ୍ଷାରେ ରହୁଥିଲୁ । ରାତି ସେମିତି ତା ବାଟରେ ଚାଲି ଯାଉଥିଲା । ସକାଳେ ଉଠିବା ବେଳକୁ ଜୀବନର ଗୋଟିଏ ରାତି ବିତି ଯାଉଥିଲା । ମା କେମିତି କେଜାଣି ଏ ସବୁ ଅସଂଯୋଗର ସୂତ୍ରପାଇ ଯାଇଥିଲା । କୌଣସି ଏକ କାମର ବାହାନାରେ କରି ସେଥର ସେ ଶୀଘ୍ର ଭୁବନେଶ୍ୱର ଫେରିବା ଲାଗି ଟିକଟ୍ କରିବାକୁ କହିଥିଲା । ସେଇ ଯାହା ଶେଷଥର ପାଇଁ ବାଙ୍ଗାଲୋର ଆସିଥିଲା । ତା'ପରଠାରୁ ସେ ଆଉ କେବେ ବାଙ୍ଗାଲୋର ଆସିବା କଥା କହିନି । ଅଗ୍ନିକ ଦିନେ ହୃଦକ୍ରିୟା ବନ୍ଦ

ହେବାଯୋଗୁଁ ସେ ଇହଧାମ ତ୍ୟାଗ କରିଦେଲି । ମା'ଯିବାର ଛଅ ମାସ ଯାଇନଥିଲା ବାପା ବି ଅଫେରା ବାଟର ପଥିକ ହୋଇଗଲେ । ଗୋଟିଏ ବର୍ଷ ଭିତରେ ମୁଁ ବାପା ଓ ମା'ଙ୍କୁ ହରାଇବାର ଶକ୍ତ ଧକ୍କା ପାଇଥିଲି, ମୋ ପାଦତଳୁ ମାଟି ଖସିଯାଇଥିଲା । ପାଦତଳେ ମାଟି ନଥିଲା କି ଆକାଶ ପରି ବିଶାଳ ଛାତଟି ବି ଚାଲି ଯାଇଥିଲା ।

ମୋର ଉଦାସ ଉଦାସ ଭାବ ବଢ଼ି ଚାଲିଥିଲା । ଆଚରଣ ଏମିତି ବଦଳିଯିବା, ଉଦାସ ସୋନାଲୀର କରୁଣ ନଜରକୁ ଏଡ଼ାଇ ଯାଇପାରୁନଥିଲା । କିଛି ଦିନପରେ ଦୀର୍ଘଦିନର ନୀରବତା ଭାଙ୍ଗି ହଠାତ ଦିନେ ରାତିରେ ସେ ମୋତେ କହିଲା - ଏମିତି ଆଉ କେତେ ଦିନ ? ଅନେକ ବର୍ଷ ପରେ ରାତିରେ ତା'ଠାରୁ କିଛି ସ୍ପଷ୍ଟ ଉଚ୍ଚାରଣ ଶୁଣି ମୁଁ ଚମକି ପଡ଼ିଥିଲି ।

ଜବାବ ଦେବାକୁ ମୋ ପାଖରେ କିଛି ଶବ୍ଦ ନଥିଲା । ମୁଁ ଆନମନା ହୋଇଯାଉଥିଲି । ସେ ଯେମିତି ଲାଗୁଥିଲା ବୈବାହିକ ଜୀବନର ପ୍ରଥମ ରାତ୍ରୀର ଅଭିସାରିକା ନବବଧୂପରି । ସ୍ୱାଭାବିକ ଜୀବନଜଞ୍ଜାଳର ମାୟା ମତେ କାହିଁକି କେଜାଣି ମଧୁର ମଧୁର ଲାଗି ଆସୁଥିଲା । ପରମ ଆଗ୍ରହରେ କୋଳେଇ ଆଣୁଥିଲି ସୋନାଲୀକୁ । ଅନେକ ବର୍ଷପରେ ଅଭିନୀତ ହେବାକୁ ଯାଉଥିଲା ଏକ ଅନ୍ତରଙ୍ଗ ଦୃଶ୍ୟ ଆମ ଦାମ୍ପତ୍ୟ ଜୀବନରେ ।

ଆସକ୍ତିର ଅତିରକ୍ତତାରେ ବୁଡ଼ି ଯାଉଥିବା ବେଳେ ମୋ ପାଇଁ ଯେମିତି ତୀବ୍ର ବିଦ୍ୟୁତ ଝଟକା ଅପେକ୍ଷା କରି ରହିଥିଲା । ଖୁବ୍ ସ୍ପଷ୍ଟ ଥିଲା ସୋନାଲୀର ଉଚ୍ଚାରଣ । 'ଏତେ ବର୍ଷ ଧରି ତୁମେ ମୋତେ ସେକେଣ୍ଡ ହ୍ୟାଣ୍ଡ କାର ଭଳି ବ୍ୟବହାର କରି ଆସିଛ । ଉପାୟବିହୀନ ଭାବରେ ମୁଁ ଏହାକୁ ସହି ଆସିଥିଲି । ହେଲେ ମୋ ରୁଦ୍ଧ ଜୀବନରେ ଏବେ ଝରକାଟିଏ ଖୋଲିଯାଇଛି । ବିକାଶ ଆସିଛି ମୋ ଜୀବନରେ । ଯିଏ କି ମୋ ଯନ୍ତ୍ରଣାର ଜୀବନ ସମ୍ପର୍କରେ ସବୁକିଛି ଜାଣିଛି । ଆଉ ମୋ ସହ ଅନ୍ତରଙ୍ଗ ଜୀବନ କାଟିବା ପାଇଁ ମୋର ସବୁ ସଙ୍କେତକୁ ବହୁ ବର୍ଷଧରି ଅପେକ୍ଷା କରିବସିଛି । ଏବେ ମୋର ଅପେକ୍ଷାର, ନୀରବତାର, ଉଦାସପଣର ଅନ୍ତ ଘଟିଛି । ତୁମକୁ ବି ମୁଁ ସମସ୍ତ ଚିନ୍ତାରୁ ମୁକ୍ତି ଦେଉଛି । ଏମିତି ଏକାଠି ତୁମ ସହ ଆଜି ମୋର ଶେଷ ରାତି । ତୁମେ ଯେମିତି ଚାହୁଁଛ ଏଇ ରାତିଟି କାଟିପାର ।

ଫାଶୀ ପାଇବାକୁ ଯାଉଥିବା ବ୍ୟକ୍ତିପର ତୁମର ସକଳ ଇଚ୍ଛା ପୂରଣ କରିବାପାଇଁ ମୁଁ ପ୍ରସ୍ତୁତ । ତେଣିକି ଏ ସମ୍ପର୍କର ଇତି । ତୁମେ ରାତିର ଦେବୀ ଭାବି ପାରି ବା ରାତିର ଖେଳନା, ମୋର ଆଉ କିଛି ଯାଏଆସେ ନାହିଁ... । ତୁମ ପାଇଁ ମୁଁ ହୋଇପାରେ ଏକ ପୁରୁଣା ମଡ଼େଲ୍‌ର ଅସ୍ପୃଶ୍ୟ କାର । ହେଲେ ଜୀବନର ରାଜପଥରେ ଗଡ଼ିବାପାଇଁ ଏଇ ପୁରୁଣା ଗାଡ଼ିର ବେଶ୍ ଦମ୍ ଅଛି । ନିତ ନୂଆ କିଛି ଖୋଜୁଥିବା ତୁମ ଭଳି ଜଣେ ମଣିଷଠାରୁ ମୋର କେବେ ପ୍ରତ୍ୟାଶା ନଥିଲା । ଆଜି ବି ନାହିଁ । ତୁମେ ମୋତେ ମନେ ରଖ ବା ଭୁଲିଯାଅ, ମୋର ଏଣିକି ଭାବିବାର ନାହିଁ । ମୁଁ ତୁମକୁ ମୁକ୍ତି ଦେଉଛି ଏମିତି ଏକ ଅବସାଦଭରା ଜୀବନଯାତ୍ରାରୁ ।

ବାସ୍, ସେଇ ରାତିଟା କେମିତି କଟିଲା ଆଜି ବି ମୁଁ ଠିକ୍ ଭାବରେ ମନେ ପକାଇ ପାରୁନାହିଁ । ବେଡ଼ ଉପରେ ପଡ଼ିରହିଥିଲା ସୋନାଲୀ, ଉଚ୍ଛେଦ ଅଭିଯାନରେ ଉଜୁଡ଼ି ଯାଇଥିବା ଏକ ବସ୍ତି ଘର ପରି । ମୁଁ ନା ସମ୍ନା କରିପାରିଥିଲି ସୋନାଲୀର ନିସ୍ପୃହ ଆଖି ଦୁଇଟିକୁ, ନା ଏତେ ପାଖରେ ଥାଇ ସୁଦ୍ଧା ତାକୁ ଟାଣି ଆଣି ପାରିଥିଲି ମୋ ଛାତି ଉପରକୁ । ସମର୍ପଣର ମୁଦ୍ରାରେ କିନ୍ତୁ ସୋନାଲୀ ସେଇ ରାତିରେ ଅତ୍ୟନ୍ତ ଚମତ୍କାର ଦେଖାଯାଉଥିଲା । ପରଶା ଯାଇଥିବା ଖାଦ୍ୟକୁ ଦେଖି ଦୀର୍ଘ କ୍ଷୁଧାର୍ତ୍ତ ଲାଳାୟିତ ହେବାପରି ମୁଁ ମଧ୍ୟ ଆକର୍ଷିତ ହୋଇ ଆସୁଥିଲି ।

ସେତେବେଳେ ମୁଁ ନିଜକୁ ନିଜେ ଏକ ଅସରନ୍ତି ଭାବନାରେ ବୁଡ଼ାଇ ବିକଳ ହୋଇ ଉଠିଲି । ମୋ ଦେହରେ ଜୀବନ ଥିଲା । ଛାତିରେ ସ୍ପନ୍ଦନ ବି ଠିକ୍‌ଠାକ୍ ଚାଲିଥିଲା । ହେଲେ ଜୀବନକୁ ଅନୁଭବ କରିବାର ସକଳ ଆଗ୍ରହ ସତେ ଯେମିତି ମରି ଯାଇଥିଲା । କେମିତି ସେଇ ଅପାଶୋରା ରାତିର ଦୀର୍ଘ ସମୟ କଟିଗଲା ଜାଣିପାରି ନଥିଲି । ସକାଳେ ଶଯ୍ୟା ତ୍ୟାଗ କଲାବେଳକୁ ସୋନାଲୀ ଉଠି ବସିଥିଲା । ଏକ ନୂଆ ନକସାର ଜୀବନପାଇଁ ନିଜକୁ ସେ ପ୍ରସ୍ତୁତ କରି ସାରିଥିଲା । ଆବେଗବିହୀନ ଭାବରେ ମୋତେ ଗୋଟିଏ ଚୁମ୍ବନ ଦେଇ ଆଉ ନିରବରେ ସେଇ କୋଠରୀରୁ ଏବଂ ପରେ କୋଠାରୁ ବାହାରି ଚାଲିଗଲା ।

ମୋ ଆଖି ଆଗରେ ଭିନ୍ନ ଏକ ଠିକଣାକୁ ଚାଲିଯାଉଥିବାବେଳେ ଆଖିରେ ତା'ର ଥିଲା ନିଆରା

ଚମକ । ବହୁ ବର୍ଷଧରି ମୁଁ ଦେଖି ଆସୁଥିବା ତା'ର ଉଦାସ ଚେହେରା କୁଆଡ଼େ ହଜି ଯାଇଥିଲା । ଏକ ଅଦ୍ଭୁତ ଖୁସିର ଝଲକରେ ଝଲମଲ ହେଉଥିଲା ସୋନାଲୀ । ଆଖିରେ ଆଖିଏ ସ୍ୱପ୍ନ ଥିଲା, ଓଠରେ ଲେସି ହୋଇଯାଇଥିଲା ତୃପ୍ତିର ପ୍ରଲେପ । ଏଇମାତ୍ର କାନଭାସରେ ଅଙ୍କା ହୋଇଥିବା ବହୁରଙ୍ଗୀ ଗୁରୁ ଚିତ୍ରକଳା ପରି ଚମତ୍କାର ଦିଶୁଥିଲା ବହୁ ବର୍ଷ ଧରି ଅବହେଳାର ଶୀକାର ହୋଇଥିବା ତା'ର ସୁନ୍ଦର ମୁହଁଟି । ସୋ'ରୁମରେ ସଜା ହୋଇଥିବା ଗୋଟିଏ ଗ୍ଲାମରସ୍ ନୂଆ ଚକ୍ ଚକ୍ କାର ଭଳି ଦର୍ପିତ ଠାଣିରେ ବାହାରି ଯାଉଥିଲା ସୋନାଲୀ । ମୁଁ ଅଟକାଇ ପାରୁନଥିଲି ଜମା । ବେଡ଼ରୁ ଉଠିପଡ଼ି କାନ୍ଥକୁ ଆଉଜି ଠିଆ ହୋଇ ଦେଖୁଥିଲି ତା ଯିବା ବାଟକୁ । ନିରୁଦବିଗ୍ନ ଭାବରେ । ଥାନା ପରିସରରେ ଖରାବର୍ଷା ଖାଇ ବହୁ ବର୍ଷଧରି ପଡ଼ିରହିଥିବା ପୁରୁଣା ରଙ୍ଗଛଡ଼ା ବାଇକ୍ ପରି ନିସ୍ତେଜ ଥିଲି ମୁଁ । ନିସ୍ତରଙ୍ଗ ମାନସିକତାରେ ସୋନାଲୀର ନୂଆ ଜୀବନ ଶୁଭଙ୍କର ଓ ସୁଖମୟ ହେଉ ବୋଲି କାମନା କରୁଥିଲି । ମୁଁ ଏବେ ବି ବଞ୍ଚିଛି । ହେଲେ ମୋର ସ୍ଥିତି ଶୂନ୍ୟ । ସ୍ୱପ୍ନହୀନ ଜୀବନ । ଆଉ ଗଢ଼ିବାର ନାହିଁ । ଏମିତି ପଡ଼ି ପଡ଼ି କେତେକାଳ କାଟିବାର କଥା । ନିଃଶବ୍ଦ କିଛି ସମୟ । ଉଲ୍‌କା ପରି ହଠାତ୍ ବାହାରିଗଲା ଯିବାକୁ । ଦ୍ରୁତଗତିରେ ଅଦୃଶ୍ୟ ହୋଇଗଲା ଦୃଷ୍ଟିପଥରୁ । ହେଲେ ମୋତେ ଲାଗୁଥିଲା ଯେମିତି କି ରାଜପଥ କଡ଼ର ଉଚ୍ଚ ମାଇଲଖୁଣ୍ଟରେ ପିଟି ଚୁରମାର ହୋଇଯାଉଥିଲା ଏକ ଦାମୀ ଦ୍ରୁତଗାମୀ ବାଇକ୍ । ଘଟଣା ସ୍ଥଳକୁ ଦଉଡ଼ି ଆସୁଥିଲେ କିଛି ଲୋକ, ଆଉ କିଛି ନ ହୋଇଥିବା ଢଙ୍ଗରେ ଝାଡ଼ି ଝୁଡ଼ି ହୋଇ ଉଠି ଚାଲିଯାଉଥିଲା ଅଜଣା ମଣିଷଟିଏ । ଆଲିଏନ୍ ।

ଅଢ଼େଇଗୁଣ୍ଡି, କାନପୁର, କଟକ - ୭୫୪୦୩୭
ମୋବାଇଲ୍ - ୮୭୬୩୪୯୫୯୨୯
ଇମେଲ୍ - bidyaptc@gmail.com

# ବିକଳାଙ୍ଗତା ଅଭିଶାପ ନୁହେଁ

ବାଲ୍ମୀକି ନାୟକ



ସମଗ୍ର ପ୍ରାଣୀଜଗତରେ ବେଳେ ବେଳେ ବିକଳାଂଗ ବା ଭିନ୍ନକ୍ଷମ ଶିଶୁ ଜନ୍ମଗ୍ରହଣ କରନ୍ତି । ଏହା ଏକ ସାଧାରଣ ପ୍ରାକୃତିକ ସତ୍ୟ । ପଶୁ ଓ ପକ୍ଷୀଙ୍କ ବିକଳାଙ୍ଗ ଶିଶୁ ପ୍ରତି ମଣିଷ ବେଶୀ ଗୁରୁତ୍ୱ ଦେଇନଥାଏ କିନ୍ତୁ ମଣିଷ ଜାତିର ବିକଳାଙ୍ଗ ଶିଶୁଟିଏ ଜନ୍ମ ହେଲେ ପିତା, ମାତା ଓ ପରିବାର ଲୋକମାନେ ଚିନ୍ତାରେ ବୁଡ଼ି ଯାଆନ୍ତି । ବିକଳାଙ୍ଗ ଦୋଷ, ଶାରୀରିକ ଓ ମାନସିକ ଦୁଇ ପ୍ରକାରର ହୋଇଥାଏ । ବେଳେ ବେଳେ ଉଭୟ ପ୍ରକାର ବି ହୋଇପାରେ । ଶିଶୁର ବିକଳାଙ୍ଗ ଦୋଷର କାରଣ ଜାଣିବା ପାଇଁ ଆଦିମ କାଳରୁ ଶରୀର ବିଜ୍ଞାନୀମାନେ ବିଭିନ୍ନ ଉପାୟରେ ଅନୁସନ୍ଧାନ ଓ ଗବେଷଣା କରି ଆସିଛନ୍ତି । ଶରୀର ଭିତରେ ରହିଥିବା ଜଟିଳ ସୂକ୍ଷ୍ମ ଅଙ୍ଗ ପ୍ରତ୍ୟଙ୍ଗକୁ ପ୍ରାମାଣିକ ଭାବରେ ପରୀକ୍ଷା କରିବା ଜ୍ଞାନ ଓ ବ୍ୟବସ୍ଥା ନ ଥିବାରୁ କୌଣସି ଚିକିତ୍ସକ ନିର୍ଦ୍ଦିଷ୍ଟ ଭାବେ କାରଣ ଦର୍ଶାଇ ପାରୁନଥିଲେ ।

ଅପରନ୍ତୁ ଇଶ୍ୱର ହିଁ ବିଶ୍ୱ ଓ ପ୍ରାଣୀ ଜଗତର ସ୍ରଷ୍ଟା ବୋଲି ବିଶ୍ୱାସ ଥିବା କାରଣରୁ ବିକଳାଙ୍ଗ ଶିଶୁ ବି ଇଶ୍ୱରଙ୍କ ଇଚ୍ଛାରୁ ଜାତ ବୋଲି ପ୍ରଚାର କରାଗଲା । ଇଶ୍ୱରଙ୍କ ମହାନତା ସମ୍ପର୍କରେ କୁହାଯାଏ - 'ଇଶ୍ୱର ଯାହା କରନ୍ତି ପ୍ରାଣୀର ମଙ୍ଗଳ ସକାଶେ ।' ଜଣେ ବିକଳାଙ୍ଗ ବ୍ୟକ୍ତି ଯଦି ଦ୍ୱନ୍ଦରେ ପଡ଼ି ପ୍ରଶ୍ନକରେ - 'ମୋତେ ବିକଳାଙ୍ଗ କରି ଜନ୍ମଦେଇ ଇଶ୍ୱର କିଭଳି ମୋର ମଙ୍ଗଳ କରିଛନ୍ତି ?' ତାର ଏହି ସରଳ ପ୍ରଶ୍ନର ଉତ୍ତର ପାଇଁ ଧର୍ମଶାସ୍ତ୍ରରୁ ଉଦ୍ଧୃତ କରି ଧର୍ମଗୁରୁମାନେ ଯେଉଁକଥା ସବୁ କହିଛନ୍ତି, ତାହା ଅତ୍ୟନ୍ତ ଦୁଃଖଦାୟକ । ସେ ଗୁଡ଼ିକ ଅବିଶ୍ୱସନୀୟ, ଭିତ୍ତିହୀନ ଏବଂ ଅବୈଜ୍ଞାନିକ ଦୃଷ୍ଟିକୋଣ ଉପରେ ପର୍ଯ୍ୟବେଶିତ । ସେମାନେ କୁହନ୍ତି, 'ଏହା ପୂର୍ବ ଜନ୍ମର ଫଳ । ପୂର୍ବଜନ୍ମରେ କରିଥିବା ମନ୍ଦକର୍ମ ଯୋଗୁଁ

ତୁ ପାପ କରିଛୁ । ଈଶ୍ୱର ଏହି ଜନ୍ମରେ ତୋତେ ବିକଳାଙ୍ଗ କରି ଜନ୍ମଦେଇ ଦଣ୍ଡ ବିଧାନ କରିଛନ୍ତି । ଆସନ୍ତା ଜନ୍ମରେ ମଙ୍ଗଳ ହେବ ।'

ଏଇଠି ପ୍ରଶ୍ନ ଉଠୁଛି - ଯଦି ଶିଶୁଟି ତା'ର ପୂର୍ବଜନ୍ମର କର୍ମ ଦୋଷରୁ ବିକଳାଙ୍ଗ ହୋଇ ଜନ୍ମ ହୋଇଛି, ତେବେ ମଣିଷ ଡାକ୍ତର ତା'ର ଚିକିତ୍ସା କରିବା କଅଣ ଦରକାର ? ଚିକିତ୍ସା କରିବା ଦ୍ୱାରା ଡାକ୍ତରମାନେ ଈଶ୍ୱରଙ୍କ ଅପମାନ କରୁନାହାନ୍ତି କି ? ଈଶ୍ୱର ଡାକ୍ତରମାନଙ୍କୁ ଦଣ୍ଡ ଦେଉନାହାନ୍ତି କାହିଁକି ? ସେମିତି ଆଖିଦୃଶିଆ ଦଣ୍ଡ କେହି ଡାକ୍ତର ପାଇଛନ୍ତି କି ?

ଆସନ୍ତା ଜନ୍ମରେ କଣ ମିଳିବ ନ ମିଳିବ ଏହା ସମ୍ପୂର୍ଣ୍ଣ କଳ୍ପନାମାତ୍ର । ଜନ୍ମଜନ୍ମାନ୍ତରରେ କର୍ମଫଳ ମିଳୁଥିବା କଥା ନିହାତି ଅସଂଗତ ଓ ନିରାଧାର । ଆସନ୍ତା ଜନ୍ମରେ ଯଦି ଫଳ ମିଳୁଛି, ତେବେ ପ୍ରଶ୍ନ ଉଠୁଛି - ଫଳ କାହାକୁ ମିଳୁଛି ? ଶରୀରକୁ ନା ଆତ୍ମାକୁ ? ଯଦି ଶରୀରକୁ ମିଳୁଛି, ସେଇ ଶରୀର କେଉଁଠି ରହୁଛି ? ଆମେ ଦେଖୁଛୁ ପାପ କରିଥିବା ଶରୀର ତ ଏହି ଦୁନିଆରେ ହିଁ ନଷ୍ଟ ହୋଇଯାଉଛି । ଯଦି ଆତ୍ମାକୁ ମିଳୁଛି ବୋଲି କହିବେ, ତେବେ ଶାସ୍ତ୍ର ପୁରାଣ ଅନୁସାରେ ତ ଆତ୍ମା କିଛି କରୁନାହିଁ ? ସେ ନିର୍ଲିପ୍ତ, ଅକର୍ତ୍ତା, ଅଭୋକ୍ତା ଏବଂ ଏକ ଶକ୍ତିମାତ୍ର । ଆତ୍ମାକୁ ଦଣ୍ଡ ମିଳିବ ବା କାହିଁକି ?

ଶରୀରକୁ ଦଣ୍ଡ ମିଳିଲେ, ଏହି ଜନ୍ମରେ ହିଁ ମିଳିବା ଉଚିତ । କାରଣ ଯେଉଁ ଶରୀର ପାପ କରିଛି, ସେ ହିଁ ଦଣ୍ଡ ଭୋଗ କରିବ । ଯଦି ହାତ ଭୂଲ କରେ, ହାତ ଭାଙ୍ଗିଯାଉ, ଆଖି ଦ୍ୱାରା ପାପ ହେଲେ ଆଖି ନଷ୍ଟ ହୋଇଯାଉ । ଯୌନାଙ୍ଗଦ୍ୱାରା ପାପ ହେଉଥିଲେ ତାହା ନଷ୍ଟ ହୋଇଯାଉ ।

ଏହା ଦ୍ୱାରା ଈଶ୍ୱରଙ୍କ କର୍ମଫଳ ସିଦ୍ଧାନ୍ତର ତୁରନ୍ତ ପ୍ରମାଣ ମିଳିବ ଏବଂ ଅନ୍ୟମାନଙ୍କ ପାଇଁ ତାହା ଦୃଷ୍ଟାନ୍ତ ରୂପେ କାମ କରିବ । ଆଉ କେହି ପାପ କରିବାକୁ ସାହାସ କରିବେନି । ଏମିତି କେବେ ହେଉଛି କି ?

ଆଧୁନିକ ବିଜ୍ଞାନର ବିକାଶ ହେବା ଫଳରେ ଜୀବ ବିଜ୍ଞାନୀମାନେ ବିଭିନ୍ନ ଉପାୟରେ ଶରୀର ଓ ମନକୁ ନେଇ ଗବେଷଣା କଲେ । ଧିରେ ଧିରେ ଅନେକ ରୋଗର ପ୍ରାମାଣିକତା ସିଦ୍ଧ ହେଲା । ବିକଳାଙ୍ଗ ଅଙ୍ଗକୁ ଶଲ୍ୟ ଚିକିତ୍ସାଦ୍ୱାରା ଠିକ୍ କରିଯାଇ ପାରିଲା । ମାନସିକ ସ୍ତରରେ ଅସୁସ୍ଥ ଶିଶୁମାନଙ୍କୁ ବିଭିନ୍ନ

ପ୍ରକାର ମନୋବୈଜ୍ଞାନିକ ପଦ୍ଧତରେ ଚିକିତ୍ସା କରି ଉତ୍ତମ ପରିଣାମ ପ୍ରାପ୍ତ ହେଲାଣି । ଶିଶୁ ବିକଳାଙ୍ଗ ହେବା ପଛରେ କେତେକ ବୈଜ୍ଞାନିକ କାରଣ ସ୍ପଷ୍ଟ ହୋଇଛି । ଯଥା: ବଂଶଗତ ରୋଗ, ପିତା କିମ୍ବା ମାତାଙ୍କ ରୋଗ, ଗର୍ଭାଶୟରେ ଭ୍ରୂଣର ସ୍ଥିତି, ଗର୍ଭଧାରଣ ସମୟରେ ମାଆର ନିଷିଦ୍ଧ ଆହାର ବିହାର ଇତ୍ୟାଦି । ସେହି ସବୁ କାରଣକୁ ଅନୁସନ୍ଧାନ କରିବାପାଇଁ ସାରା ଦୁନିଆର ଡାକ୍ତରମାନେ ଗଭୀର ଅଧ୍ୟୟନ ଓ ଗବେଷଣା କରୁଛନ୍ତି । ସେମାନଙ୍କର ଗବେଷଣା ଲବ୍ଧ ଜ୍ଞାନ, ଧର୍ମ ଓ ଜାତି ନିର୍ବିଶେଷରେ ସମସ୍ତ ମାନବଜାତି ଉପକୃତ ହେବାପାଇଁ ବ୍ୟବହାର ହେଉଛି । ସେଥିପାଇଁ ଆଜି କୌଣସି ମାତା, ପିତା ନିଜର ବିକଳାଙ୍ଗ ଶିଶୁକୁ ଈଶ୍ୱରଙ୍କ ଅଭିଶାପ ବା ଦଣ୍ଡ ଭାବି ଚୁପ୍ ରହୁନାହାନ୍ତି । ନିଜର କ୍ଷମତାନୁସାରେ ଡାକ୍ତରଙ୍କ ପାଖକୁ ଯାଇ ପରାମର୍ଶ କରୁଛନ୍ତି ।

ଜଣେ ଭିନ୍ନକ୍ଷମ ବ୍ୟକ୍ତିପାଇଁ ପରିବାର ଲୋକମାନଙ୍କ ଚିନ୍ତା ଯାହା ବି ହେଉ, ଭିନ୍ନକ୍ଷମ ବ୍ୟକ୍ତିଙ୍କୁ ଯଦି ପୂର୍ବଜନ୍ମର କର୍ମଫଳ କହି ସାନ୍ତ୍ୱନା ଦିଆଯାଏ, ସେ ମାନସିକ ସ୍ତରରେ ଭୀଷଣ ଆଘାତ ପାଏ । ସେ କେବେ କିଛି ମନ୍ଦକର୍ମ ନ କରିମଧ ଅପରାଧ ବୋଧ ଅନୁଭବ କରେ । ଅନ୍ୟମାନଙ୍କଠାରୁ ନିଜକୁ ହୀନ ମନେ କରେ । ଭିତ୍ତିହୀନ ବିଶ୍ୱାସ ଯୋଗୁଁ ସେମାନଙ୍କୁ ପାପୀ କହିବା ଅନୁଚିତ । ସେମାନଙ୍କ ଆତ୍ମବିଶ୍ୱାସ ବୃଦ୍ଧିକରି, ସମାଜରେ ସକ୍ଷମ ଜୀବନଯାପନ ପାଇଁ ଉତ୍ସାହିତ କରିବା ସମସ୍ତଙ୍କର ପରମ କର୍ତ୍ତବ୍ୟ ।

No. 38/2, 2nd Cross

SSB layout, PO; K R Puram

Bangalore, 560036

Mobile - 9482016260

ଆହ୍ୱାନର ଆଗାମୀ ସଂସ୍କରଣ ସେପ୍ଟେମ୍ବର ମାସରେ ପ୍ରକାଶିତ ହେବ । ନିଜ ଦ୍ୱାରା ଲିଖିତ କବିତା ଓ କାହାଣୀ ଶୀଘ୍ର ଆମ ନିକଟକୁ ପଠାନ୍ତୁ ।

ଆପଣଙ୍କ ଲିଖିତ କବିତା, କାହାଣୀ, ଭ୍ରମଣ କାହାଣୀ, ଶିଶୁକଥା, ଜୀବନ କଥା, ଇତିହାସ, ରୋଷେଇ, ଘରକରଣା, ସ୍ୱାସ୍ଥ୍ୟ, ବ୍ୟଙ୍ଗ ଇତ୍ୟାଦି ଆପଣ ଇ-ମେଲ୍ ଦ୍ୱାରା ଆମ ନିକଟକୁ ପଠାଇ ପାରିବେ ।

ଆମ ଇ-ମେଲ୍ ଠିକଣା :

# aahwaan@gmail.com

ଚିଠି ମାଧ୍ୟମରେ ଲେଖା ପ୍ରେରଣ କରିବା ଠିକଣା

## ଡା ଜ୍ୟୋତି ପ୍ରସାଦ ପଟ୍ଟନାୟକ

ସମ୍ପାଦକ, 'ଆହ୍ୱାନ ଇ-ପତ୍ରିକା'

ବିମାନଗର, ୨ୟ ଗଳି, ବ୍ରହ୍ମପୁର, ୭୬୦୦୧୦, ଓଡ଼ିଶା
ଫୋନ : ୯୦୪୦୯୮୫୪୬୩ / ୯୮୬୧୯୬୨୧୬୦

ଆହ୍ୱାନ ଇ-ପତ୍ରିକା ଓଡ଼ିଶାରୁ ପ୍ରକାଶିତ ପ୍ରଥମ  ଏବଂ ଏକମାତ୍ର ସଂପୂର୍ଣ୍ଣ ଓଡ଼ିଆରେ ପ୍ରକାଶିତ ସାହିତ୍ୟ ଇ-ପତ୍ରିକା । ଏହା ପ୍ରତ୍ୟେକ ମାସର ପ୍ରଥମ ସପ୍ତାହରେ ପ୍ରକାଶିତ ହୋଇଥାଏ ।  ବେଳେ ବେଳେ ପୂଜା ପର୍ବପର୍ବାଣୀ ସମୟରେ ସମୟୋପଯୋଗୀ ବିଶେଷ ସଂସ୍କରଣମାନ ମଧ୍ଯ ପ୍ରକାଶିତ ହୁଏ । ଓଡ଼ିଆ ସାହିତ୍ୟର ବିଭିନ୍ନ ବିଭାଗ ଯଥା, ଗଳ୍ପ, କବିତା, ପ୍ରବନ୍ଧ, ରମ୍ୟ ରଚନା, ଶିଶୁ ରଚନା, ଭ୍ରମଣ କାହାଣୀ ଇତ୍ୟାଦି ଏଥିରେ ପ୍ରକାଶିତ ହୁଏ ।

ଏହି ପତ୍ରିକାରେ ଲେଖା ପ୍ରକାଶିତ କରିବା ପାଇଁ ନୂଆ ଓ ପୁରୁଣା ଉଭୟ ସାହିତ୍ୟକାରଙ୍କୁ ପ୍ରୋତ୍ସାହନ ଦିଆଯାଇଥାଏ ।  ଯେହେତୁ ଏହି ପତ୍ରିକା ନିଃଶୁଳ୍କ ବିତରଣ ନିମିତ୍ତ ଉଦ୍ଦିଷ୍ଟ ତେଣୁ ଲେଖକ, ଲେଖିକାମାନଙ୍କୁ କୌଣସି ପ୍ରକାରର ପ୍ରୋତ୍ସାହନ ରାଶି ଦିଆଯାଏ ନାହିଁ ।  ପାରିଶ୍ରମିକ ଆଶା କରୁଥିବା ଲେଖକ ଲେଖିକାମାନେ ନିଜ ଲେଖା ବ୍ୟବସାୟିକ ପତ୍ରପତ୍ରିକାକୁ ପଠାଇ ପାରିବେ ।

ଏହି ପତ୍ରିକା ପ୍ରତ୍ୟେକ ମାସରେ ଇଣ୍ଟରନେଟ୍‌ରେ ନିଃଶୁଳ୍କ ପଢ଼ିବା ପାଇଁ ଉପଲବ୍ଧ ହୋଇଥାଏ । ପାଠକ ଚାହିଁଲେ ଏହି ପତ୍ରିକାର ଗୋଟିଏ ପ୍ରତିଲିପି ନିଜ କଂପ୍ୟୁଟରରେ ଡ଼ାଉନ୍‌ଲୋଡ୍ କରି ପାରିବେ ।

ଲେଖକ ଲେଖିକାମାନେ ନିଜ କୃତି ଆମ ନିକଟକୁ ଡ଼ାକଦ୍ୱାରା କିମ୍ବା ଇ-ମେଲ୍ ଦ୍ୱାରା ପଠାଇପାରିବେ ।  ଡ଼ାକ ଦ୍ୱାରା ପଠାଉଥିଲେ ନିଜ ଲେଖାକୁ ଧଳା କାଗଜର ଗୋଟିଏ ପାର୍ଶ୍ୱରେ ନିର୍ଭୁଲ ହସ୍ତାକ୍ଷରରେ ଲେଖି ପଠାନ୍ତୁ, କିମ୍ବା ଟାଇପ୍ କରି ମଧ୍ୟ ପଠାନ୍ତୁ ।  ଇ-ମେଲ୍ ଦ୍ୱାରା ପଠାଉଥିଲେ ଲେଖାକୁ ଲେଖି ସାରିବା ପରେ ସ୍କାନିଂ କରି ଆମ ଇ-ମେଲ୍ ଠିକଣାରେ ପଠାନ୍ତୁ ।

ଆହ୍ୱାନର ପ୍ରକାଶନ ସଂପୂର୍ଣ୍ଣ ପରିବେଶ ଅନୁକୂଳ, କାରଣ ଏହାଦ୍ୱାରା କାଗଜର ବ୍ୟବହାର କମ ହୋଇଥାଏ,  ଯେଉଁଥିପାଇଁ ଗଛ କାଟିବାକୁ ପଡ଼େନାହିଁ । ଆମେ ପରିବେଶ ପ୍ରଦୁଷଣ ବିରୋଧ କରୁ ।

ଆହ୍ୱାନ ଇ-ପତ୍ରିକାରେ ଲେଖା ପ୍ରକାଶିତ କରିବାପାଇଁ ଯଦି ଆପଣ ଇଚ୍ଛୁକ ତେବେ ନିଜ ଲିଖିତ କୃତିକୁ ଆପଣ ଆମ ନିକଟକୁ ପଠାନ୍ତୁ । ଯେହେତୁ ଏହି ପତ୍ରିକା ଇଣ୍ଟରନେଟରେ ପ୍ରକାଶିତ ହୁଏ ଏବଂ ପ୍ରତ୍ୟେକ ମାସରେ ଶହସ୍ରାଧିକ ଓଡ଼ିଆଙ୍କ କମ୍ପ୍ୟୁଟରରେ ଶୋଭାପାଏ ତେଣୁ ଏହି ପତ୍ରିକାପାଇଁ ଲେଖା ମଧ୍ୟ ଇଣ୍ଟର୍‌ନେଟ ମାଧ୍ୟମରେ ହିଁ ଗ୍ରହଣ କରାଯାଏ  । ଯଦି ଆପଣ ଇ-ମେଲ୍ ଦ୍ୱାରା ଆମ ନିକଟକୁ

ଲେଖା ପଠାଇ ପାରିବେ ନାହିଁ, ତେବେ ଆପଣ ନିଜ ଲେଖା ଧଳା କାଗଜରେ ଗୋଟିଏ ପାର୍ଶ୍ୱରେ ନିର୍ମଳ ହସ୍ତାକ୍ଷରରେ ଲେଖି ଆମ ନିକଟକୁ ନିମ୍ନ ଠିକଣାରେ ପଠାଇ ପାରିବେ ।

ଡା ଜ୍ୟୋତି ପ୍ରସାଦ ପଟ୍ଟନାୟକ

ବୀମା ନଗର - ୨ୟ ଗଳି

ଆମ୍ବପୁଆ, ବ୍ରହ୍ମପୁର - ୭୬୦୦୧୦

ଓଡ଼ିଶା, ଫୋନ୍: ୯୦୪୦୯୮୫୪୬୩ / ୯୮୬୧୯୭୨୧୬୦

ଯଦି ଆପଣ ଇଣ୍ଟର୍‌ନେଟ୍ ମାଧ୍ୟମରେ ଲେଖା ପଠାଇବାକୁ ଚାହାନ୍ତି ତେବେ ନିଜ ଲେଖାକୁ ଟାଇପ୍ (ଓଡ଼ିଆ ୟୁନିକୋଡ଼ ଫଣ୍ଟରେ ଟାଇପ୍ କରିବେ ଯଥା ଅପ୍ରାନ୍ତ ଓଡ଼ିଆ / ଗୁଗୁଲ୍ ଓଡ଼ିଆ ଟ୍ରାନ୍‌ସ୍‌ଲିଟେରେସନ୍) କରି Microsoft Word Document ରେ ଆମ ନିକଟକୁ ପଠାନ୍ତୁ, କିମ୍ବା ଲେଖାକୁ ସ୍କାନ୍ କରି ଜେପିଇଜି ଫର୍ମାଟରେ ଇମେଲ୍ Attachment କରି ପଠାନ୍ତୁ । ଆମ ଇ-ମେଲ୍ ଠିକଣା ହେଲା - aahwaan@gmail.com

ଏହି ପତ୍ରିକା ଉନ୍ନତି ହେତୁ ଆପଣଙ୍କ ସହାୟତା ଆମର ଏକାନ୍ତ କାମ୍ୟ ।

ଧନ୍ୟବାଦ

**ଡା ଜ୍ୟୋତି ପ୍ରସାଦ ପଟ୍ଟନାୟକ**

ପ୍ରତିଷ୍ଠାତା-ସମ୍ପାଦକ, 'ଆହ୍ୱାନ'

**https://www.facebook.com/odiaparibar**

**ଜୟ ଓଡ଼ିଆ । ଜୟ ଓଡ଼ିଶା । ଜୟ ଜଗନ୍ନାଥ**

ଯଦି ଏହି ସଂସ୍କରଣରେ କୌଣସି ତ୍ରୁଟିଥାଏ ତାହେଲେ ସେଥିପାଇଁ ସମ୍ପାଦକ କ୍ଷମାପ୍ରାର୍ଥୀ ।